

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୭୪ ● ୧୪ ଅପ୍ରେଲ ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-74 ● 14th April 2026, Tuesday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27



CBC 22201/13/0010/2627

Government of Bharat

## ନାରୀ ଶକ୍ତି ବନ୍ଦନ

ପାଇଁ ପ୍ରତିଶ୍ରୁତିବଦ୍ଧ

#NariShaktiVandan

ଦେଶର ମହିଳାମାନଙ୍କୁ ଲୋକସଭା ଓ ରାଜ୍ୟ ବିଧାନସଭାରେ ୩୩% ସଂରକ୍ଷଣର ଗ୍ୟାରେଣ୍ଟି



୩+ କୋଟି ମହିଳା ହୋଇଛନ୍ତି ଲକ୍ଷପତି ଦିଦି

୩୫+ କୋଟି ମହିଳାଙ୍କୁ ମିଳିଛି ମୁଦ୍ରା ଋଣ


### ବଡ଼ବିଲ ବାଇପାସ ରିଙ୍ଗରୋଡ଼ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

# କେନ୍ଦୁଝର ମେଗା ଷ୍ଟିଲପ୍ଲାଣ୍ଟର ଶିଳାନ୍ୟାସ ଖୁବ ଶୀଘ୍ର

କେନ୍ଦୁଝର/ଭୁବନେଶ୍ୱର, ୧୩।୪

ନ୍ୟୁଜ୍ ବ୍ୟୁରୋ



କଥା ଦେଇ କଥା ରଖିଲେ ରାଜ୍ୟ ସରକାର। ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଡ଼ବିଲର ଠାରେ ବଡ଼ବିଲ ବାଇପାସ ରିଙ୍ଗରୋଡ଼ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନା କରି ବଡ଼ବିଲ ଅଞ୍ଚଳବାସୀଙ୍କ ବହୁ ପ୍ରତୀକ୍ଷିତ ସ୍ୱପ୍ନ ପୂରଣ କରିଛନ୍ତି। ଗତବର୍ଷ ଘଟଗାଁ ଠାରେ ମୁଖ୍ୟମନ୍ତ୍ରୀ ଏହି ପ୍ରତିଶ୍ରୁତି ବଡ଼ବିଲ ବାସୀଙ୍କୁ ଦେଇଥିଲେ ଏବଂ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି। ଏହି ଅବସରରେ କେନ୍ଦୁଝର ଜିଲ୍ଲା ପାଇଁ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଗୁଡିକର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଶୁଭ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ।

ସୂଚନାଯୋଗ୍ୟଯେ ମୁଖ୍ୟମନ୍ତ୍ରୀ ଆଜିର କାର୍ଯ୍ୟକ୍ରମରେ ୨୯ କୋଟି ୪୧ ଲକ୍ଷ ବ୍ୟୟ ବରାଦରେ ୨୪ଟି ପ୍ରକଳ୍ପର ଲୋକାର୍ପଣ କରିବା ସହିତ ୩୨୬ କୋଟି ୪୩ ଲକ୍ଷ ଟଙ୍କା ବ୍ୟୟ ବରାଦରେ ୫୧ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବଡ଼ବିଲ ସହର ପାଇଁ ଏକ ବାଇପାସ୍ ତଥା ରିଙ୍ଗ ରୋଡର ଦୈର୍ଘ୍ୟ ହେଉଛି ୧୮ କିଲୋମିଟର ୩୨୬ ମିଟର। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ପାଇଁ ୧୫୮୧ କୋଟି ୨୧ ଲକ୍ଷ ଟଙ୍କା ବିନିଯୋଗ କରାଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, ଯୋଡ଼ା, ବାସୁଦେବପୁର ଓ ବଡ଼ବିଲ ଅଞ୍ଚଳ ପାଇଁ ୨୯୮ କୋଟି ଟଙ୍କା ବ୍ୟୟରେ ଖୁବ ଶୀଘ୍ର ଏକ ବିଦ୍ୟୁତ ସବ ଷ୍ଟେସନ ନିର୍ମାଣ ହେବ ଏବଂ ୮ ଲେନ ବିଶିଷ୍ଟ ବଡ଼ବିଲ – ପାରାଦ୍ୱୀପ ରାସ୍ତା ନିର୍ମାଣ କାର୍ଯ୍ୟକୁ ଶୀଘ୍ର ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେନ୍ଦୁଝର ବା ବଡବିଲ୍ ପରି ସହରମାନଙ୍କ ଟ୍ରାଫିକ ଏବଂ ଭାରି ଯାନବାହାନ ଚଳାଚଳ ସମସ୍ୟା ବିଷୟରେ ସେ ସବୁ ଜାଣିଛନ୍ତି। ସେ ନିଜେ ଗୋଟିଏ ଭୁକ୍ତଭୋଗୀ। ତେଣୁ ଏ ସବୁ ଅସୁବିଧା ଦୂର କରିବା ପାଇଁ ଆମ ସରକାର ପ୍ରଥମରୁ ହିଁ ନିଷ୍ପତ୍ତି ନେଇଥିଲେ। ଆଜି ସେହି ନିଷ୍ପତ୍ତିକୁ କାର୍ଯ୍ୟକାରୀ (ପୃଷ୍ଠା ୭ରେ)

### ୧୬ରୁ ୧୮ ସଂସଦର ସ୍ୱତନ୍ତ୍ର ଅଧିବେଶନ

# ନାରୀ ଶକ୍ତି ବନ୍ଦନ ପାଇଁ ସବୁ ଦଳର ସମର୍ଥନ ଲୋଡିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୩।୪



ଗଣତାନ୍ତ୍ରିକ ଢାଞ୍ଚାରେ ମହିଳାମାନଙ୍କ ପାଇଁ ସଂରକ୍ଷଣ ପ୍ରଦାନ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନାରୀ ଶକ୍ତି ବନ୍ଦନ ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ସୋମବାର ନୂଆଦିଲ୍ଲୀରେ ନାରୀ ଶକ୍ତି ବନ୍ଦନ ସମ୍ମିଳନୀକୁ ସମ୍ବୋଧିତ କରି ସେ କହିଛନ୍ତି, ମହିଳାମାନଙ୍କ ଅଂଶଗ୍ରହଣ ଦେଶର ଗଣତନ୍ତ୍ରକୁ ସୁଦୃଢ଼ କରିଥାଏ। ଭାରତ ପ୍ରତି ନାରୀ ଶକ୍ତିଙ୍କର ବହୁ ଅବଦାନ ରହିଛି। ଚଳିତ ମାସ ୧୬ ତାରିଖରୁ ସଂସଦରେ ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବାକୁ ଯାଉଛି।

ଏହା ଏକବିଂଶ ଶତାବ୍ଦୀ ସବୁଠାରୁ ବଡ଼ ନିଷ୍ପତ୍ତି। ଏହି ନିଷ୍ପତ୍ତି ମହିଳା ଶକ୍ତିଙ୍କ ପାଇଁ ଉତ୍ସର୍ଗୀକୃତ। ଏହା ମହିଳା ଶକ୍ତିଙ୍କର ପୂଜା ପାଇଁ ଉତ୍ସର୍ଗୀକୃତ। ଆମ ଦେଶର ସଂସଦ ଏକ ନୂତନ ଇତିହାସ ସୃଷ୍ଟି କରିବାର ଦ୍ୱାରରେ ଅଛି। ଏକ ନୂତନ ଇତିହାସ ଯାହା ଅତୀତର ସ୍ୱପ୍ନକୁ ସାକାର କରିବ ଏବଂ ଭବିଷ୍ୟତର ସଂକଳ୍ପକୁ ପୂରଣ କରିବ। ଏକ ସମତାବାଦୀ ଭାରତ ପାଇଁ ସଂକଳ୍ପ, ଯେଉଁଠାରେ ସାମାଜିକ ନ୍ୟାୟ କେବଳ ଏକ ସ୍ଲୋଗାନ ନୁହେଁ, ବରଂ ଆମର କାର୍ଯ୍ୟ ସଂସ୍କୃତି ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାର ଏକ ସ୍ୱାଭାବିକ ଅଂଶ ହେବ। ଏବେ ତାହା ଆରମ୍ଭ ହୋଇଛି।

ଏହି ଅବସରରେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି, ନାରୀ ଶକ୍ତି ବନ୍ଦନ ଅଧିନିୟମ ମହିଳା ସଶକ୍ତିକରଣ, ସ୍ୱାଭିମାନ ଏବଂ ଗଣତାନ୍ତ୍ରିକ ଅଂଶଗ୍ରହଣକୁ ସୁନିଶ୍ଚିତ କରେ। ସେ କହିଥିଲେ ଯେ ଆଜି ଦେଶର ଝିଅମାନେ ଦେଶର ବିକାଶ ଯାତ୍ରାର ଧ୍ୱଜାବାହକ ହେଉଛନ୍ତି। ମହିଳା ନେତୃତ୍ୱାଧୀନ ବିକାଶର ଦୃଷ୍ଟିକୋଣ (ପୃଷ୍ଠା ୭ରେ)

## ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳିତ

# ଭୁବନେଶ୍ୱରର ବିକାଶକୁ ନୂଆ ଉଚ୍ଚତାରେ ପହଞ୍ଚାଇବାକୁ ରାଜ୍ୟପାଳଙ୍କ ଆହ୍ୱାନ

ଭୁବନେଶ୍ୱର, ୧୩।୪

ନ୍ୟୁଜ୍ ବ୍ୟୁରୋ



ଭୁବନେଶ୍ୱରର ବିକାଶ ସରକାର ଓ ନାଗରିକଙ୍କ ସାମୁହିକ ଦାୟିତ୍ୱ ଓ ଭୁବନେଶ୍ୱରକୁ ଉନ୍ନତିର ଉଚ୍ଚତରସ୍ତରକୁ ନେବାର ଦାୟିତ୍ୱ କେବଳ ସରକାରର ନୁହେଁ, ନାଗରିକଙ୍କ ମଧ୍ୟ ସମାନ ଦାୟିତ୍ୱ ରହିଛି। ଏଣୁ ଭୁବନେଶ୍ୱରର ବିକାଶକୁ ନୂଆ ଉଚ୍ଚତାରେ ପହଞ୍ଚାଇବା ନିମନ୍ତେ ସମ୍ମିଳିତ ଉଦ୍ୟମ ପାଇଁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି ।ଏତତବ୍ୟତୀତ ସେମାନେ ସକ୍ରିୟ ଭାବେ ନଗରର ଐତିହ୍ୟର ସଂରକ୍ଷଣ ଓ ଭବିଷ୍ୟତ ଗଠନରେ ଅବଦାନ ରଖିବାକୁ ରାଜ୍ୟପାଳ କହିଛନ୍ତି ।

ସୋମବାର ସନ୍ଧ୍ୟାରେ ଉତ୍କଳ ମଣ୍ଡପରେ ଅନୁଷ୍ଠିତ ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି।

ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ ନାଗରିକମାନଙ୍କୁ ସ୍ଥାୟୀ ଓ ସ୍ଥିର ଜୀବନଶୈଳୀ ଗ୍ରହଣ କରି ପରିବେଶ ସଚେତନ, ପ୍ରଦୂଷଣମୁକ୍ତ ଓ ପରିଷ୍କାର ପରିଚ୍ଛନ୍ନ ମହାନଗର ଗଠନ ପାଇଁ ଆହ୍ୱାନ ଜଣାଇଥିଲେ । ସାମୁହିକ ପ୍ରୟାସ ଦ୍ୱାରା ରାଜଧାନୀକୁ ସମାବେଶୀ, ଆଧୁନିକ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ ।

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ତଥା ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଥିଲେ ଯେ, ଭୁବନେଶ୍ୱର ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରୁଥିବା ସହ ଆଧୁନିକ ଭାରତର ଆକାଂକ୍ଷାକୁ ସମ୍ମାନ ଦେଉଛି। ରାଜଧାନୀର ନକ୍ସା ଓ ପ୍ରତିଷ୍ଠାରେ ମୁଖ୍ୟ ଭୂମିକା ଗ୍ରହଣ (ପୃଷ୍ଠା ୭ରେ)

## ଏକାଳ ପଖାଳ



ନାରୀ ଶକତିକୁ ବଢାଇବା ପାଇଁ
ସର୍କାର ଲଗାନ୍ତି ଯୋର
ଇତିହାସଟାକୁ ରଚିବା ପାଇଁକି
ଗୋଟାପୁରି ତତ୍‌ପର
ବିରୋଧୀ ଦଳରେ ଡର
ମହିଳା ହେଲେ ବି ନିଜେ କହୁଛନ୍ତି
ଇଏ ରାଜନୀତି ଘୋର।

# ମଧ୍ୟପ୍ରାଚ୍ୟରେ ବଢ଼ିଲା ଉତ୍ତେଜନା

ୱାଶିଂଟନ, ୧୩।୪

ଇରାନକୁ ଘେରିବା ପାଇଁ ଆମେରିକାର ମାଷ୍ଟରପ୍ଲାନ୍। ହର୍ମୁଜ ପ୍ରଣାଳୀରେ ରୋକିବ ତେଲ ଏବଂ ଜାହାଜ ଚଳାଚଳ । ଡୋନାଲ୍ଡ ଟ୍ରମ୍ପଙ୍କ ନୂତନ ରଣନୀତି ଅନୁଯାୟୀ , ଆମେରିକା ଏବେ ଇରାନର ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗିବା ପାଇଁ ପ୍ରସ୍ତୁତ ହେଉଛି । ବିଶେଷ କରି ହର୍ମୁଜ ପ୍ରଣାଳୀରେ ଥିବା ୪ଟି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ଚେକ ପଏଣ୍ଟ କରି ଇରାନକୁ ଅଣନିଃଶ୍ୱାସୀ କରିବାକୁ ଲକ୍ଷ୍ୟ ରଖିଛି । ଟ୍ରମ୍ପ ପ୍ରଶାସନ ଖାର୍ଗ ଦ୍ୱୀପରୁ ତେଲ ରପ୍ତାନୀ ଏବଂ ବନ୍ଦର ଅବାସରୁ ଜାହାଜ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଯୋଜନା କରୁଛି ।

ଇରାନର ପ୍ରାୟ ୯୦ ପ୍ରତିଶତ ତେଲ ରପ୍ତାନୀ ଖାର୍ଗ ଦ୍ୱୀପ ଦେଇ ହୋଇଥାଏ, ଯାହା ଏବେ ଆମେରିକାର ଟାର୍ଗେଟରେ ଅଛି। ଯଦି ଆମେରିକା ଏହି ଅଞ୍ଚଳ ଗୁଡ଼ିକରେ ନାକାବନ୍ଦୀ କରେ, ତେବେ ଇରାନର ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିବ । ଏହି ପଦକ୍ଷେପ ମଧ୍ୟପ୍ରାଚ୍ୟରେ ଉତ୍ତେଜନାକୁ ଆହୁରି ବଢ଼ାଇ ଦେଇଛି, ଯାହା ବିଶ୍ୱ ବଜାରରେ ତେଲ ଦର ଉପରେ ମଧ୍ୟ ପ୍ରଭାବ ପକାଇପାରେ। ଆମେରିକାର ଏହି 'ମ୍ୟାକ୍ସିମମ୍ ପ୍ରେସର' ନୀତି ଇରାନକୁ ଆଲୋଚନା ପାଇଁ ବାଧ କରିବାକୁ ଏକ ବଡ଼ ଚାଲ୍ ଭାବେ ଦେଖାଯାଉଛି ।

# ଏ ବର୍ଷ ସ୍ୱାଭାବିକ ଠାରୁ କମ୍ ବର୍ଷା ଆକଳନ : ଆଇଏମଡ଼ି

ନୂଆଦିଲ୍ଲୀ, ୧୩।୪

ଭାରତ ପାଣିପାଗ ବିଭାଗ ୨୦୨୬ ଦକ୍ଷିଣ-ପଶ୍ଚିମ ମୌସୁମୀ ପାଇଁ ଏହାର ପ୍ରାରମ୍ଭିକ ପୂର୍ବାନୁମାନ ପ୍ରକାଶ କରିଛି। ଏହି ବର୍ଷ, ଦେଶରେ ମୌସୁମୀ ବର୍ଷା ସ୍ୱାଭାବିକଠାରୁ କମ୍ ହେବ ବୋଲି ଆଶା କରାଯାଉଛି।

ଜୁନ୍ ଏବଂ ସେପ୍ଟେମ୍ବର ମଧ୍ୟରେ ମୋଟ ବର୍ଷା ଦୀର୍ଘକାଳୀନ ହାରାହାରି (ଅର୍ଥାତ୍ ୩୦ କିମ୍ବା ୫୦ ବର୍ଷ ମଧ୍ୟରେ ଏକ ଅଞ୍ଚଳରେ ରେକର୍ଡ ହୋଇଥିବା ହାରାହାରି ବର୍ଷା) ର ପ୍ରାୟ ୯୨ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି, ଯାହାର ସମ୍ଭାବ୍ୟ ତ୍ରୁଟି ୫ ପ୍ରତିଶତ ହେବ। ଦେଶ ପାଇଁ ଏଲ୍‌ପିଏ (୧୯୭୧-୨୦୨୦ (ପୃଷ୍ଠା ୭ରେ)






## ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନ ପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

15001/16/2627



## ଓଡ଼ିଆ ନବବର୍ଷ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ସମସ୍ତ ଓଡ଼ିଶାବାସୀ ଏବଂ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ପ୍ରିୟ ଓଡ଼ିଆ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ନୂତନ ବର୍ଷ ଆପଣ ସମସ୍ତଙ୍କ ଜୀବନରେ ଅପାର ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏହାହିଁ ମୋର ପ୍ରାର୍ଥନା ।

କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାରେ ସମୃଦ୍ଧ ଆମ ଓଡ଼ିଆ ଜାତି ଆଜି 'ଓଡ଼ିଆ ଅସ୍ମିତା'ର ପୁନଃ ପ୍ରତିଷ୍ଠା ପାଇଁ ପୂର୍ଣ୍ଣ ସମର୍ପିତ । ଆଜିର ଓଡ଼ିଶା ନୂଆ ଉତ୍ସାହ, ଅସୀମ ଉଦ୍ଦୀପନା ଓ ଗଭୀର ଆତ୍ମବିଶ୍ୱାସର ସହିତ ଏକ 'ସମୃଦ୍ଧ ଓ ବିକଶିତ ଓଡ଼ିଶା' ଗଠନ ଦିଗରେ ଦୃଢ଼ ସଂକଳ୍ପର ସହ ଅଗ୍ରସର ହେଉଛି ।

ଆସନ୍ତୁ, ଏହି ପବିତ୍ର ଅବସରରେ ଆମେ ସମସ୍ତେ ମିଳିମିଶି ଆମର ଏହି ସଂକଳ୍ପକୁ ସିଦ୍ଧିରେ ପରିଣତ କରିବା ଏବଂ ଓଡ଼ିଶାକୁ ବିକାଶର ଶିଖରରେ ପହଞ୍ଚାଇବା ପାଇଁ ନୂଆ ଶପଥ ନେବା ।

ବନ୍ଦେ ଉତ୍କଳ ଜନନୀ !

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/15001/2/26-27/0016





# ଆଦର୍ଶ ପଞ୍ଚାୟତ ହେବ ଯନ୍ତ୍ରୀ: ଦୁର୍ଗମ ସ୍ୱାଭିମାନ ଅଞ୍ଚଳରେ ଜିଲ୍ଲାପାଳଙ୍କ ମାରାଥନ ସମୀକ୍ଷା

**ମାଲକାନଗିରି, ନ୍ୟୁଜ ବ୍ୟୁରୋ**

ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁର୍ଗମ ସ୍ୱାଭିମାନ ଅଞ୍ଚଳର ବିକାଶ ପାଇଁ ପ୍ରକ୍ରିୟା ଜୋରଦାର ହୋଇଛି। ଅପହଞ୍ଚ ଇଲାକାର କୋଣ ଅନୁକୋଣରେ ସରକାରୀ ସେବା ପହଂଚାଇବା ଲକ୍ଷ୍ୟରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଚିତ୍ରକୋଣ୍ଡା ବ୍ଲକର ସୁଦୂର ଯନ୍ତ୍ରୀ ଗ୍ରାମ ପଞ୍ଚାୟତ ଗସ୍ତ କରି ବିଭିନ୍ନ ବିକାଶମୂଳକ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ ସହ ସମୀକ୍ଷା କରିଛନ୍ତି । ଭୌଗୋଳିକ ପ୍ରତିବନ୍ଧକ ସତ୍ତ୍ୱେ ଜିଲ୍ଲାପାଳ ଓ ତାଙ୍କ ଟିମ୍ ଚିତ୍ରକୋଣ୍ଡା ସ୍ୱିଲଓ୍ୱେ ଲଞ୍ଚ ଘାଟରୁ ମୋଟର ବୋଟ୍ ଯୋଗେ ଜଳପଥ ଦେଇ ଯନ୍ତ୍ରୀ ଗ୍ରାମରେ ପହଞ୍ଚିଥିଲେ। ସେଠାରେ ଅଙ୍ଗନୱାଡ଼ି ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ ସ୍ୱାଗତ ନୃତ୍ୟକୁ ଦେଖି ଜିଲ୍ଲାପାଳ ଅତ୍ୟନ୍ତ ଖୁସି ବ୍ୟକ୍ତ କରିବା ସହ ସେମାନଙ୍କୁ ପ୍ରଶଂସା କରିଥିଲେ। ଯନ୍ତ୍ରୀ ଗ୍ରାମ ପଞ୍ଚାୟତକୁ ଏକ ଆଦର୍ଶ ପଂଚାୟତ ଭାବେ ଗଢ଼ିତୋଳିବା ପ୍ରଶାସନର ମୁଖ୍ୟ ଲକ୍ଷ୍ୟ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଏଥିପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ବ୍ଲୁ-ପ୍ରିଂଟ ପ୍ରସ୍ତୁତ କରାଯାଇଛି। ଚିତ୍ରକୋଣ୍ଡା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ସମନ୍ୱୟ ବୈଠକରେ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସରକାରୀ ଯୋଜନାର ସୁଫଳ ଯେପରି ଶେଷ ହିତାଧିକାରୀଙ୍କ ପାଖରେ ପହଞ୍ଚିବ, ସେଥିପାଇଁ ଗୁରୁତ୍ୱାରୋପ କରିଛନ୍ତି। ଅଂଚଳର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ନିର୍ମାଣାଧୀନ ଘନବେଡା ସେତୁ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ଏହି ସେତୁ କାର୍ଯ୍ୟକାରୀ ହେଲେ ଅଂଚଳର ଅର୍ଥନୈତିକ ଓ ସାମାଜିକ ଚିତ୍ର ବଦଳିଯିବ ବୋଲି ଜିଲ୍ଲାପାଳ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ରାଜଶିର୍କେ କହିଛନ୍ତି ଯେ, ସ୍ୱାଭିମାନ ଅଞ୍ଚଳର ବିକାଶକୁ ଆମେ ଅଗ୍ରାଧିକାର ଦେଉଛୁ। ଯନ୍ତ୍ରୀ ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ ଭାବେ ଗଢ଼ିବା ସହ ଶେଷ ହିତାଧିକାରୀଙ୍କ ପାଖରେ ସରକାରୀ ସେବା ପହଞ୍ଚାଇବା ଆମର ମୁଖ୍ୟ ଲକ୍ଷ୍ୟ। ଘନବେଡା ସେତୁ କାର୍ଯ୍ୟ ଶେଷ ହେଲେ ଏହି ଅଂଚଳର ଯୋଗାଯୋଗ ବ୍ୟବସ୍ଥାରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହେବ। ଏହି ଗସ୍ତ ସମୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ, ପିଏ ଆଇଟିଡିଏ ହଳଧର ଶବର, ଚିତ୍ରକୋଣ୍ଡା ବିଡିଓ ପ୍ରୀତା କୁମାରଙ୍କ ସମେତ ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ କୋଠାବାଡ଼ି ବିଭାଗର ବରିଷ୍ଠ ଯନ୍ତ୍ରୀ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସ୍ୱାଭିମାନ ଅଞ୍ଚଳରେ ବିକାଶର ଏହି ଧାରାକୁ ଜାରି ରଖିବା ପାଇଁ ଜିଲ୍ଲା ପ୍ରଶାସନ ସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି ଜିଲ୍ଲାପାଳ ଦୋହରାଇଛନ୍ତି।

## ରାବଣାଗୁଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା କାୟାକଳ୍ପ ମାନପତ୍ର ପ୍ରଦାନ

**ଜୟପୁର, ନ୍ୟୁଜ ବ୍ୟୁରୋ**

ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜୟପୁର ବ୍ଲକ ରାବଣାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ଆୱାର୍ଡରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଜରିଆରେ ସମ୍ମାନିତ କରାଯାଇଛି। କୋରାପୁଟ ସ୍ଥିତ ସଦ୍ଭାବନା ଗୃହରେ ଏହି ମାନପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି, ଗତ ୧୪ ଜାନୁଆରୀ ୨୦୨୬ ରେ ସ୍ୱାସ୍ଥ୍ୟ ବିଭାଗର ତିନି ଜଣିଆ ଉଚ୍ଚ ସ୍ତରୀୟ ଟିମ୍ କାୟାକଳ୍ପ ପହଂଚି ରାବଣାଗୁଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରତ୍ୟକ୍ଷ ସ୍ଥିତି ଅନୁଧ୍ୟାନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଆନୁସଙ୍ଗିକ ବ୍ୟବସ୍ଥା, ରୋଗୀଙ୍କୁ ମିଳୁଥିବା ସେବା ଓ ପାରିବେଶିକ ସ୍ୱଚ୍ଛତାକୁ ଏହି ଟିମ୍ ପରଖିଥିଲେ। ନିରାମୟ ଯୋଜନା, ନିଦାନ, ଅଣ ସଂକ୍ରମିତ ରୋଗ, ଯକ୍ଷ୍ମା, ସ୍ତ୍ରୀ ଓ ପ୍ରସୂତି ବିଭାଗ, ବର୍ଯ୍ୟବସ୍ତୁ ପରିଚାଳନା ଭଳି ଅନେକ ଗୁଡ଼ିଏ ବିଭାଗ ବୁଲି ସ୍ୱାସ୍ଥ୍ୟ ସେବାର ସ୍ଥିତି ପରଖିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ସ୍ୱାସ୍ତିକ ମହଲା, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରି ଧରିତ୍ରି ମୁଦୁଲି, ବିପିଏମ ସନ୍ତୋଷିନି ପଣ୍ଡା ଉପସ୍ଥିତ ରହି ଏହି ମାନପତ୍ର ଜିଲ୍ଲାପାଳଙ୍କ ଠାରୁ ଗ୍ରହଣ କରିଥିଲେ। ଏହାର ଶ୍ରେୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀଙ୍କୁ ଦିଆଯାଇଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସୂଚନା ଦିଆଯାଇଛି ।

# ଝାରସୁଗୁଡ଼ା ପୌରପାଳିକାର ୧୯ତମ କାଉନସିଲ୍ ବୈଠକ: ସହରର ବିକାଶ ପାଇଁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଗୃହୀତ

**ଝାରସୁଗୁଡ଼ା, ନ୍ୟୁଜ ବ୍ୟୁରୋ**

ଝାରସୁଗୁଡ଼ା ପୌରପାଳିକା କାର୍ଯ୍ୟାଳୟ ପରିସରରେ ଆଜି ପୌର ଅଧ୍ୟକ୍ଷା ରାନୀ ହାତୀଙ୍କ ଅଧ୍ୟକ୍ଷତାରେ ୧୯ତମ କାଉନସିଲ୍ ବୈଠକ ସୂଚାରୁରୂପେ ସମ୍ପନ୍ନ ହୋଇଯାଇଛି। ଏହି ବୈଠକରେ ଉପ-ଅଧ୍ୟକ୍ଷ ବେଣୁଗୋପାଳ ପାଣିଗ୍ରାହୀ, ପୌର ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ୍, ବିଧାୟକଙ୍କ ପ୍ରତିନିଧି ବଲବିନ୍ଦର ସିଂ ଏବଂ ସାଂସଦଙ୍କ ପ୍ରତିନିଧି ନେତାଜୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସହରର ବିଭିନ୍ନ ଜନହିତକର କାର୍ଯ୍ୟ ଓ ଭିତିଭୂମିର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକର ପ୍ରାରମ୍ଭରେ ଆଗାମୀ ମୌସୁମୀ ଋତୁକୁ ଦୃଷ୍ଟିରେ ରଖି ସହରର ସମସ୍ତ ନର୍ଦ୍ଦମା ସଫା କରିବା ପାଇଁ ନିଷ୍ପତି ନିଆଯାଇଛି। ଏଥିସହ ସହରର ବିଭିନ୍ନ ସ୍ଥାନରେ ଥିବା ଫାଉଂଟେନ୍ ବା ଝରଣାଗୁଡ଼ିକର ମରାମତି ଏବଂ ସମସ୍ତ ୱାର୍ଡରେ ଆବଶ୍ୟକୀୟ ଆଲୋକ ବ୍ୟବସ୍ଥାର ଆକଳନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଟ୍ରାଫିକ ପୋଲିସ ଓ ପଥିକମାନଙ୍କ ପାଇଁ ଅସ୍ଥାୟୀ ଟ୍ରାଫିକ ସେଡ୍ ନିର୍ମାଣ କରିବାକୁ ମଧ୍ୟ ସ୍ଥିର କରାଯାଇଛି। ସହରର ଭିତିଭୂମି ଓ ପରିବେଶ ସୁରକ୍ଷା ପାଇଁ କେତେକ ବୈପ୍ଳବିକ ପଦକ୍ଷେପ ଉପରେ ମୋହର ବାଜିଛି। ଝାଡ଼େଶ୍ୱର ମନ୍ଦିର ନିକଟରେ ଏକ ସୁଏଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ, ପୁରୁଣାବସ୍ତି ଜଳାଶୟର ପୁନରୁଦ୍ଧାର ଏବଂ ଡମ୍ପିଂ ୟାର୍ଡକୁ ଏକ ସବୁଜ ବଳୟରେ ପରିଣତ କରିବା ପାଇଁ ବ୍ୟାପକ ବୃକ୍ଷରୋପଣ କରାଯିବ। ଏଥିସହିତ ସର୍ବାହାଲ ହାଇସ୍କୁଲ, ମନମୋହନ ସ୍କୁଲ ଏବଂ ଇଞ୍ଜିନିୟରିଂ ସ୍କୁଲ ନିକଟରେ ଥିବା ଖୋଲା ସ୍ଥାନଗୁଡ଼ିକର ସୌନ୍ଦର୍ଯ୍ୟକରଣ ଓ ବିକାଶ କରାଯିବ। ଆଧୁନିକ ଜୀବନଶୈଳୀକୁ ଆଖିରେ ରଖି ସହରରେ ଇଭି ଚାର୍ଜିଂ ଷ୍ଟେସନ ସ୍ଥାପନ ପାଇଁ ମଧ୍ୟ ଯୋଜନା ରହିଛି। ସାମାଜିକ ସୁରକ୍ଷା କ୍ଷେତ୍ରରେ ପଞ୍ଚପଡ଼ା ଠାରେ ଏକ ୭୫ ଶଯ୍ୟା ବିଶିଷ୍ଟ ବୃଦ୍ଧାଶ୍ରମ ପ୍ରତିଷ୍ଠା ଏବଂ ସହରର ଭୂମିହୀନ ହିତାଧିକାରୀଙ୍କୁ ସୁଲଭ ମୂଲ୍ୟରେ ବାସଗୃହ ଯୋଗାଇଦେବା ପାଇଁ ଆଲୋଚନା ହୋଇଥିଲା। ଏହା ବ୍ୟତୀତ, ସହରର ବିଭିନ୍ନ ସ୍ଥାନରେ ରାସ୍ତା ଓ ନାଳ ଉପରେ ହୋଇଥିବା ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ବିଶେଷ ଭାବେ ବେଦାନ୍ତ ସମେତ ଅନ୍ୟାନ୍ୟ ପ୍ରତିଷ୍ଠାନରୁ ବକେୟା ଟିକସ ଆଦାୟ ଉପରେ ଗୁରୁତ୍ୱାରୋପ କରାଯାଇଛି। କାଉନସିଲ୍ ସଦସ୍ୟମାନଙ୍କୁ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅନ୍ତର୍ଗତ ପ୍ରାୟ ୧୫ କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତାବ ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି। ଶେଷରେ, ପୌରପାଳିକାରେ ଥିବା କର୍ମଚାରୀ ଅଭାବ ଦୂର କରିବା ଏବଂ ୨୦୨୮ ସୁଦ୍ଧା ଅବସର ନେବାକୁ ଥିବା ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିବାକୁ ନିଷ୍ପତି ନିଆଯାଇଛି। ଏହି ବୈଠକରେ ସମସ୍ତ ୱାର୍ଡର କାଉନସିଲର ଓ ପୌରପାଳିକାର ଅଧିକାରୀମାନେ ଉପସ୍ଥିତ ଥିଲେ।

## ପିଇବା ପାଣି ପାଇଁ ଡହଳ ବିକଳ ଜଗନ୍ନାଥପୁର ଉପରସାହି ଏବଂ କଚାସାହିବାସୀ

**ଚମ୍ପୁଆ, ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତ୍ୟେକ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପ୍ରତିପଞ୍ଚାୟତରେ ବସୁଧା ପାଣି ଟାଙ୍କି ନିର୍ମାଣ କରିଛନ୍ତି। ପ୍ରତି ଘରକୁ ପାଇପ ଲାଇନ ମଧ୍ୟ ସଂଯୋଗ କରାଯାଇଛି। ହେଲେ ବିଭାଗୀୟ କର୍ମଚାରୀ ମାନଙ୍କ ଦାୟିତ୍ୱ ହୀନତା ଏବଂ ଅଧିକାରୀମାନଙ୍କ କାର୍ଯ୍ୟରେ ଅବହେଳା ଯୋଗୁଁ ପାନୀୟ ଜଳ ଯୋଗାଣ ଏକ ପ୍ରହସନରେ ପରିଣତ ହୋଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ମଧ୍ୟ ସ୍ୱଚ୍ଛ ପାନୀୟ ଜଳ ଟୋପାଏ ପାଇବାରୁ ବଞ୍ଚିତ ହେଉଛନ୍ତି ଲୋକେ। ଏମିତି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡସ୍ଥ ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଗୁଣ୍ଡୁଣିଆ ପଞ୍ଚାୟତର ଜଗନ୍ନାଥପୁର ଗ୍ରାମରେ। ଏହି ଗ୍ରାମକୁ ଇଚିଣ୍ଡା ପାଣିଟାଙ୍କିରୁ ପାଣି ଯୋଗାଣ ନିମନ୍ତେ ପାଇପ ସଂଯୋଗ ତ ହୋଇଛି ହେଲେ ପାଇପ ସଂଯୋଗ ହେବାର ଦୁଇ ବର୍ଷରୁ ଉର୍ଦ୍ଧ ସମୟ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପାଣିର ବାସ୍ନା ପାଇନାହାନ୍ତି ଜଗନ୍ନାଥପୁର ଗ୍ରାମର ଉପରସାହି ଏବଂ କଚା ସାହି ବାସୀ। ଏହି ଦୁଇ ସାହିରେ ପ୍ରାୟ ୭୦ ଆଦିବାସୀ ପରିବାର ରହୁଥିବା ବେଳେ ଏଠାରେ ଏକ ମାତ୍ର ନଳକୂପ ତାଙ୍କର ସାହା ଭରସା। ଫଳରେ ପିଇବା ପାଣି ଟୋପାଏ ପାଇଁ ଡହଳ ବିକଳ ହେଉଛନ୍ତି ସାହିବାସୀନ୍ଦା। ଆଶା ଥିଲା ବସୁଧା ଯୋଜନାରେ ସାହିର ଜଳ ସମସ୍ୟା ଦୂରହେବ। କିନ୍ତୁ ଆକାଶ କଇଁ କୁ ଚିଲିକା ମାଛ ପରି ପାଇପ ସଂଯୋଗର ଦୀର୍ଘ ଦିନ ପରେବି ସାହିକୁ ପାଣି ଯୋଗାଇ ଦିଆ ଯାଇ ନ ଥିବାରୁ ଏହାକୁ ନେଇ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ସାହିର ପାଣି ସମସ୍ୟା ଦୂର କରିବାକୁ ଦାବୀ ହେଉଛି।

## ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ୨୩ ୟୁନିଟ ରକ୍ତ ସଂଗ୍ରହ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**



ଓଡ଼ିଆ ପକ୍ଷ ଅବସରରେ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତୀୟ ସେବା ଯୋଜନା ଅଧିକାରୀ ସୁଶ୍ରୀ କେ.ପି. ଶାସ୍ୱତୀ ସ୍ୱେତାଲିନା ଏବଂ ଯୁବ ୟୁଥ୍ ରେଡ଼କ୍ରସ୍ ଅଧିକାରୀ ସୁଶ୍ରୀ ପ୍ରଜ୍ଞା ପାରମିତା, ଡକ୍ଟର ଦେବସ୍ମିତା ନାଏକଙ୍କ ମିଳିତ ଆନୁକୂଲ୍ୟରେ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ସାହୁ, କଲେଜ ପ୍ରଶାସନିକ ଅଧିକାରୀ ପ୍ରମୋଦ କୁମାର ମେହେର ଏବଂ ବୌଦ୍ଧ ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ଡକ୍ଟର କଳ୍ପତରୁ ନାୟକଙ୍କ ଉପସ୍ଥିତିରେ ୨୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବୌଦ୍ଧ ରକ୍ତ ଭଣ୍ଡାର ଅଧିକାରୀ ଡକ୍ଟର ଭଞ୍ଜ କିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ ଏବଂ ତାଙ୍କ ସହଯୋଗୀମାନେ ସହାୟତା କରିଥିଲେ। ଏଥିରେ ଅଧ୍ୟାପକ-ଅଧ୍ୟାପିକା ମଧ୍ୟରେ ଉତ୍କର୍ଷ ବୀର, ଡକ୍ଟର ଶୁଭ୍ରଜିତ୍ ବେହେରା, ଟୁନା ମେହେର, ପ୍ରିତମ୍ କୁମାର ଦାସ, ଅଶ୍ୱିନି କୁମାର ମାଝି, ସୌମ୍ୟରଞ୍ଜନ ନାୟକ, ସୁଧାଂସୁ ଶେଖର ଭୋଇ, ମନିଷା ଦାସ ଜୟସିଂ, ଦିବ୍ୟ ନାଏକ ଏବଂ ଛାତ୍ରଛାତ୍ରୀମାନେ ରକ୍ତଦାନ କରିଥିଲେ। ରକ୍ତଦାନ କରିଥିବା ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକାମାନଙ୍କୁ ମହାବିଦ୍ୟାଳୟର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ସାହୁ ଶୁଭେଚ୍ଛା ଜଣାଇଥିଲେ। ରକ୍ତଦାନ ପରେ 'ଆସ ବହିଟିଏ କିଣିବା' ଅଭିଯାନ ପାଳନ କରାଯାଇଥିଲା। ଏଥିରେ ଅଧ୍ୟାପିକା ଜ୍ୟୋତିର୍ମୟୀ କହଁର ଏବଂ ମହେଶ୍ୱର ପ୍ରଧାନ ସହଯୋଗ କରିଥିଲେ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ୨୪୪ ୟୁନିଟ ରକ୍ତଦାନ

**ବାଲେଶ୍ୱର, ନ୍ୟୁଜ ବ୍ୟୁରୋ**



ଓଡ଼ିଆ ପକ୍ଷ ୨୦୨୬ ଅବସରରେ ବାଲେଶ୍ୱର ପ୍ରଶାସନ ପକ୍ଷରୁ ଏକ ରକ୍ତଦାନ ଶିବିର ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ଥିବା ରକ୍ତ ଭଣ୍ଡାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ କାର୍ଯ୍ୟକ୍ରମକୁ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଶୁଭାରମ୍ଭ କରିଥିଲେ । ସେହି ସମୟରେ ତାଙ୍କ ସହିତ ବାଲେଶ୍ୱର ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବାଲେଶ୍ୱର ଜିଲ୍ଲାପରିଷଦ ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସାଇ କୃଷ୍ଣ ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ, ବାଲେଶ୍ୱର ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଓ ଜିଲ୍ଲା ହସ୍ପିଟାଲ୍ର ପ୍ରଶାସନିକ ଅଧିକାରିଣୀ ପ୍ରମୁଖ ଉପସ୍ଥିତ ଥିଲେ । ପରବର୍ତ୍ତୀ ସମୟରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ସଦର ବିଧାୟକ ମାନସ କୁମାର ଦତ୍ତ ରକ୍ତଦାନ ଶିବିରକୁ ପରିଦର୍ଶନ କରିଥିଲେ ଏବଂ ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ରକ୍ତ ଦାନ ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀଯୁକ୍ତ ଅମୂଲ୍ୟ କୁମାର ଦାସ ଓ ରକ୍ତ ଭଣ୍ଡାର ଅଧିକାରୀ ଶ୍ରୀଯୁକ୍ତ ବସନ୍ତ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖୁବ୍ ସୁରୁଖୁରୁରେ ରକ୍ତ ସଂଗ୍ରହ କରାଯାଇଥିଲା । ରକ୍ତ ଦାତା ମାନେ ଖୁବ୍ ଆଗ୍ରହ ସହକାରେ ରକ୍ତ ଦାନ କରିଥିଲେ । ସମାଜସେବୀ ସଲିମ ରାଜା ଓ ଯୋଶଦା ନନ୍ଦନ ଆସ୍ଙ୍କ ସହିତ ଅନେକ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ମାନେ ଏବଂ ଜିଲ୍ଲା ରକ୍ତ ଭଣ୍ଡାରର ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ରକ୍ତଦାନ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୋଟ ୪୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏହା ବ୍ୟତୀତ ବାଲେଶ୍ୱର ଜିଲ୍ଲା ରକ୍ତ ଭଣ୍ଡାର ପକ୍ଷରୁ ଆଜି ଚାନ୍ଦିପୁରରେ ୧୫୭ ୟୁନିଟ, ଜଳେଶ୍ୱରରେ ୨୧ ୟୁନିଟ ଏବଂ ରୂପସାରେ ୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ତେଣୁ ଆଜି ସର୍ବ ମୋଟ ୨୪୪ ୟୁନିଟ ରକ୍ତ ବାଲେଶ୍ୱର ଜିଲ୍ଲା ରକ୍ତ ଭଣ୍ଡାର ପକ୍ଷରୁ ସଂଗ୍ରହ କରାଯାଇଛି। ଓଡ଼ିଆ ପକ୍ଷ ଆରମ୍ଭ ହେବା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ସର୍ବମୋଟ ୮୩୭ ୟୁନିଟ ରକ୍ତ ସଂଗ୍ରହ କରିବାରେ ବାଲେଶ୍ୱର ଜିଲ୍ଲା ରକ୍ତ ଭଣ୍ଡାର ସଫଳ ହୋଇଛି ।

# ଯୁଗ୍ମ ଅଭିଯୋଗ ଶୁଣାଣି: ୨୭୯ ମାମଲା ପଞ୍ଜୀକୃତ

**କେନ୍ଦୁଝର, (ନ୍ୟୁଜ)**



କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍ ଠାରେ ଆଜି ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ବିଭାଗୀୟ ଅଧିକାରୀ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ଆଜିର ଏହି ଶିବିରରେ ମୋଟ ୨୭୯ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଛି। ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୨୪୮ଟି, ସାମୁହିକ ଅଭିଯୋଗ ୩୧ଟି, ରେଡକ୍ରସ ସହାୟତା ପାଇଁ ୧୧ଟି ଆବେଦନ ଗ୍ରହଣ କରାଯାଇଛି। ୪୪ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ରବିନ୍ଦ୍ର କୁମାର ପ୍ରଧାନ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନରାଜ ଏଚ. ଡି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ ଓ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ବୁଝିଥିଲେ। ସୂଚନାଯୋଗ୍ୟ ଯେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ଏପ୍ରିଲ ମାସର ପରବର୍ତ୍ତୀ ଅଭିଯୋଗ ଶୁଣାଣିଗୁଡ଼ିକ ବିଭିନ୍ନ ପଞ୍ଚାୟତ ସମିତି କାର୍ଯ୍ୟାଳୟ ରେ ନିମ୍ନମତେ ଅନୁଷ୍ଠିତ ହେବ:୧୩।୦୪।୨୦୨୬ (ସୋମବାର) ପଞ୍ଚାୟତ ସମିତି କାର୍ଯ୍ୟାଳୟ ହାଟଡିହି, ୨୦।୦୪।୨୦୨୬ (ସୋମବାର) ପଞ୍ଚାୟତ ସମିତି କାର୍ଯ୍ୟାଳୟ ଘଟଗାଁ ଏବଂ ୨୭।୦୪।୨୦୨୬(ସୋମବାର) ପଞ୍ଚାୟତ ସମିତି କାର୍ଯ୍ୟାଳୟ ହରିଚନ୍ଦନପୁର ଅଞ୍ଚଳବାସୀ ଏହି ସୁଯୋଗର ସଦୁପଯୋଗ କରି ନିଜ ନିଜର ସମସ୍ୟା ପ୍ରଶାସନ ନିକଟରେ ଉପସ୍ଥାପନ କରିବାକୁ ଅନୁରୋଧ କରାଯାଇଛି। ଆଦେଶ ଜୈନ, କୈଳାଶ ଜୈନ, କମଲ ଅଗ୍ରୱାଲ, ମୌଜି ରାମ ଅଗ୍ରୱାଲ, ଅଙ୍କିତ ଜୈନ, ସଞ୍ଜୟ ଶର୍ମା, ନାରାୟଣ ଜିନ୍ଦଲ, ଆଦିତ୍ୟ ଅଗ୍ରୱାଲ, କେଶବ ଝରବଲିଆ ସହିତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

## ଆଗଲପୁର ଅଞ୍ଚଳ ବହୁ ମାତ୍ରାରେ ଘୁଡୁଘୁଡୁ ପଟି ଜୁଆଖେଳର ହବ୍ ହେବାକୁ ଯାଉଛି

**ବଲାଙ୍ଗିର, ନ୍ୟୁଜ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଆଗଲପୁର ଅଞ୍ଚଳରେ ବ୍ୟାପକ ମାତ୍ରାରେ ଘୁଡୁଘୁଡିପଟି ଜୁଆଖେଳ ଅବାଧରେ ଚାଲିଥିବା ସୂଚନା ମିଳିଛି । ସୂଚନା ମୁତାବକ, ଆଗଲପୁର ଅଂଚଳରେ କୌଣସି ଯାନିଯାତ୍ରା ହେଉକି କୌଣସି ଖେଳକୁଦ ହେଉ ସବୁଠି ଘୁଡୁଘୁଡିପଟି ଜୁଆଖେଳ ଲୋକ ଗହଳି ଭିତରେ ଚାଲୁଛି । ରାଜ୍ୟ ସରକାର ପର୍ବପର୍ବାଣୀ କିମ୍ବା ଯାନିଯାତ୍ରା ହେଉଥିବା ସ୍ଥାନମାନଙ୍କରେ ଘୁଡୁଘୁଡିପଟି କିମ୍ବା ଅନ୍ୟ କୌଣସି ପ୍ରକାର ଜୁଆଖେଳ ହୋଇପାରିବ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ରହିଛି । ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ କିପରି ଏହି ନିର୍ଦ୍ଦେଶକୁ ଉଲ୍ଲଂଘନ କରି ଅବାଧରେ ଜୁଆଖେଳ ଚାଲୁଛି । ଜନସାଧାରଣରେ ପୋଲିସର କାର୍ଯ୍ୟାନୁଷ୍ଠାନ ଉପରେ ସନ୍ଦେହ ଜାତ ହେଉଛି । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଜୁଆଖେଳ ଖବର ପୋଲିସର ନଜରକୁ ଆସୁନାହିଁ କି ପୋଲିସ ଜାଣି ସୁଦ୍ଧା ନିରବଦ୍ରଷ୍ଟା ସାଜୁଛି । ଏଣୁ ସରକାରୀ ନିୟମ ଉଲ୍ଲଂଘନ କରୁଥିବା ଲୋକଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଉକ୍ତ ଘଟଣାକୁ ବଲାଙ୍ଗିର ଏସପି ଗୁରୁତ୍ୱର ସହ ନନେଲେ ଆଗାମି ଦିନରେ ଆଗଲପୁର ଅଂଚଳ ଜୁଆଖେଳର ହବ୍ ପାଲଟିଯିବ ଏଥିରେ କୌଣସି ସନ୍ଦେହ ନାହିଁ ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱଚ୍ଛତା ଅଭିଯାନ

**ଯାଜପୁର, ନ୍ୟୁଜ ବ୍ୟୁରୋ**



'ଓଡ଼ିଆ ପକ୍ଷ' ପାଳନ ଅବସରରେ ଯାଜପୁର ଜିଲ୍ଲାସ୍ତରୀୟ ଦେବାଳୟ ଓ ଐତିହ ସ୍ଥଳୀ ଗୁଡ଼ିକର ସାମୂହିକ ସ୍ୱଚ୍ଛତା ଅଭିଯାନ, ପୁରାଣ ପ୍ରସିଦ୍ଧ ଦଶାଶ୍ୱ ମେଧ ଘାଟ ଓ ଜଗନ୍ନାଥ ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ଯାଜପୁର ପୌରପାଳିକା ଓ ଜିଲ୍ଲା ପ୍ରଶାସନ, ଯାଜପୁର ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାଜପୁର ପୌରପାଳିକାର ଅଧ୍ୟକ୍ଷା ଶ୍ରୀମତୀ ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ସ୍ଥାନୀୟ ଜନସାଧାରଣ ମାନଙ୍କୁ ନେଇ ଏହି ଐତିହ୍ୟ ସ୍ଥଳୀ ଗୁଡିକରେ ସାମୂହିକ ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା।ଓଡ଼ିଆ ଜାତୀୟତା ଏବଂ ଓଡ଼ିଆ ପରମ୍ପରା ବଜାୟ ରଖିବାରେ ଏହି ଐତିହ୍ୟ ସ୍ଥଳୀ ଗୁଡ଼ିକର ଭୂମିକା ଅତୁଳନୀୟ ବୋଲି ଏକ ବାର୍ତ୍ତା ସାଧାରଣ ନାଗରିକ ମାନଙ୍କୁ ଦିଆଯାଇଥିଲା। ଏହି କ୍ରମରେ ଜିଲ୍ଲାବ୍ୟାପୀ ବିଭିନ୍ନ ମନ୍ଦିର ଏବଂ ଧାର୍ମିକ ପୀଠ ଗୁଡ଼ିକରେ ସ୍ଥାନୀୟ ଜନସାଧାରଣ ଏବଂ ଜନପ୍ରତିନିଧିମାନଙ୍କୁ ନେଇ ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା, ବିଭିନ୍ନ ବ୍ଲକ ଅଂଚଳରେ ଥିବା ଦେବା ଦେବୀ ପୀଠ ସ୍ଥଳରେ ଏହି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି।

## ଜମି ବେଞ୍ଚ ମାର୍କରେ ଅହେତୁକ ଦର ବୃଦ୍ଧି ପ୍ରସଙ୍ଗ

# ବିଧାୟକ ଓ ଜିଲ୍ଲା ପ୍ରଶାସନ ପାଖରେ ଅଭିଯୋଗ କଲେ ଜନତା

**ବଲାଙ୍ଗୀର, ନ୍ୟୁଜ ବ୍ୟୁରୋ**

ବଲାଙ୍ଗୀର ଭଳି ଏକ ଅର୍ଥନୈତିକ ଅନଗ୍ରସର ଜିଲ୍ଲାରେ ବର୍ତ୍ତମାନର ଜିଲ୍ଲା ପ୍ରଶାସନ ଜମି ଦର ନିୟନ୍ତ୍ରଣ କମିଟିରେ କୌଣସି ଆଲୋଚନା ନକରି ଏକତରଫା ଜମିର ବେଂଚ ମାର୍କ ଭେଲ୍ୟୁକୁ ପାଖାପାଖି ଚାରି ବର୍ଷ ରେ ଚାରି ଗୁଣ ବଢେଇ ଦେଇଥିବାରୁ ସାଧାରଣ ଜନତା, ଚାଷୀ ଏବଂ ଜମି ମାଲିଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ଆଇନ ଅନୁଯାୟୀ ବେଂଚ ମାକ ଭେଲ୍ୟୁ ନିର୍ଦ୍ଧାରଣ ସମୟରେ ଜିଲ୍ଲା ସ୍ତରୀୟ ଦର ନିୟନ୍ତ୍ରଣ କମିଟି ନିଶ୍ଚିତ ବସିବା କଥା, ଯଦିଓ ବିନା ବୈଠକରେ ବେଂଚ ମାର୍କ ଭେଲ୍ୟୁ ବଢାଗଲା, ଏପରି କି ଜମି ଦର ନିର୍ଦ୍ଧାରଣ ସମୟରେ ଚାଷ ଜମି, ଘର ନିର୍ମାଣ ଉପଯୋଗୀ ଏବଂ ବ୍ୟବସାୟିକ ଜମି ଯାହର କି ଭିନ୍ନ ଭିନ୍ନ ବେଂଚ ମାର୍କ ଭେଲ୍ୟୁ ନିର୍ଦ୍ଧାରଣ ହବା କଥା ସେସବୁ କୁ ମଧ୍ୟ ନଜର ଅନ୍ଦାଜ କରି ସବୁ ଜମି ର ଦରକୁ ଅହେତୁକ ଭାବେ ଚାରି ବର୍ଷ ରେ ଚାରି ଗୁଣ ବୃଦ୍ଧି କରାଯାଇଛି। ତାହାର ଅପତି ଅଭିଯୋଗ ପାଇଁ ୩୦ ଦିନର ନୋଟିସ ପିରିୟଡ ପ୍ରଦାନ କରାଯିବା ଆଇନରେ କିଛି କିନ୍ତୁ ଜିଲ୍ଲା ପ୍ରଶାସନ ଏକତରଫା ଭାବେ କେବଳ ୧୨ ଦିନର ନୋଟିସ ପିରିଆଡ ଦେଇ ମନମାନୀ କରିଛି। ଏପରି କି ଏହି ୧୨ ଦିନର ନୋଟିସ ପିରିଆଡ ଭିତରେ ଲୋକେ ଅଭିଯୋଗ କରିଥିଲେ ହେଁ ଜିଲ୍ଲା ପ୍ରଶସନ କୌଣସି ଆପତି ଅଭିଯୋଗକୁ ବିଚାରକୁ ନନେଇ ଲୋକଙ୍କ ଆପତି ଅଭିଯୋଗକୁ ସମ୍ପୁର୍ଣ୍ଣ ଅଣଦେଖା କଲା। ଏହାକୁ ନେଇ ଚାଷୀ ସାଧାରଣ ଲୋକ ତଥା ଜମି ମାଲିକମାନଙ୍କ ଏକ ପ୍ରତିନିଧି ଦଳ ସ୍ଥାନୀୟ ବିଧାୟକ କଳିକେଶ ନାରାୟଣ ସିଂଦେଓ, ଜିଲ୍ଲା ପ୍ରଶାସନ କୁ ସମସ୍ୟା ସମ୍ପର୍କରେ ଅବଗତ କରେଇବା ସହ ଏହି ଏକତରଫା ନିଷ୍ପତିର ପୁନଃ ବିଚାର ପାଇଁ ଅଭିଯୋଗ ଦାଖଲ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଜିଲ୍ଲା ପ୍ରଶାସନ ସମସ୍ୟାର ଗୁରୁତ୍ୱକୁ ନଜରକୁ ନେଇ ଏକ ସମୀକ୍ଷା ବୈଠକର ଆୟୋଜନ କରିଛନ୍ତି, ଏଥିରେ ସ୍ଥାନୀୟ ବିଦାୟକ, ଜିଲ୍ଲା ପ୍ରଶାସନ ଓ ଦର ନିୟନ୍ତ୍ରଣ କମିଟିର ସଦସ୍ୟ ଏବଂ ଅଭିଯୋଗକାରିମାନେ ଉପସ୍ଥିତ ରହି ଏହାର ସମାଧାନ ଦିଗରେ କଣ ପଦକ୍ଷେପ ନିଆଯାଇ ପାରିବ ତାର ଉପରେ ଆଲୋଚନା କରିଥିଲେ, ଆଲୋଚନା ବେଳେ ସ୍ଥାନୀୟ ବିଧାୟକ କାହିଁକି ଦର ବୃଦ୍ଧି ବେଳେ ଜିଲ୍ଲା ସ୍ତରୀୟ ଦର ନିୟନ୍ତ୍ରଣ କମିଟିର ସଦସ୍ୟମାନଙ୍କୁ କାହିଁକି ଅବଗତ କିମ୍ବା ବୈଠକ ଡକାଗଲା ନାହିଁ ବୋଲି ପ୍ରଶ୍ନ କରିଥିଲେ। ବୈଠକରେ ଜିଲ୍ଲା ପ୍ରଶାସନ ତରଫରୁ କିମ୍ବା ରାଜସ୍ୱ ବିଭାଗ ତରଫରୁ ଏହି ସମୀକ୍ଷା ବୈଠକରେ କୌଣସି ପ୍ରକାର ସକାରତ୍ମକ ଫଳ ବାହାରି ନ ଥିବାରୁ ବିଧାୟକ ଶ୍ରୀ ସିଂଦେଓ ଦରକାର ପଡିଲେ ଏହାକୁ ବିଧାନ ସଭାରେ ଆଲୋଚନା କରିବେ ବୋଲି କହିଥିଲେ। ତା ସତ୍ତ୍ୱେ ଯଦି କିଛି ଫଳ ନ ବାହାରେ ତେବେ ଏପରି ଲୋକ ବିରୋଧି ନିଷ୍ପତି ବିରୁଦ୍ଧ ରେ ଆଇନଗତ ଲଢେଇ ଲଢାଯିବ ବୋଲି ଶ୍ରୀ ସିଂଦେଓ କହିଛନ୍ତି । ଅଭିଯୋଗକାରୀମାନେ ସମସ୍ୟାକୁ ନେଇ କୌଣସି ନେଇ କୌଣସି ତଥ୍ୟ ରେଜିଷ୍ଟ୍ରି ଅଫିସକୁ ମାଗିଲେ ଅଫିସ କୌଣସି ତଥ୍ୟ ପ୍ରଦାନ କରୁ ନଥିବା ଲୋକେ ଅଭିଯୋଗ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଜମି ବେଂଚ ମାର୍କ ଭେଲ୍ୟୁ ଅହେତୁକ ବଢିଥିବା ଯୋଗୁଁ ଅନେକ ଗରିବ ଜମି ମାଲିକ ସ୍ୱାସ୍ଥ୍ୟ ସମସ୍ୟା, ପୁଅ କିମ୍ବା ଝିଅ ବିବାହ କିମ୍ବା ଅନ୍ୟ ଜରୁରୀ ଆର୍ଥିକ ସମସ୍ୟାରୁ ମୁକୁଳିବା ପାଇଁ ନିଜ ଜମିକୁ ବିକ୍ରି କରି ପାରୁ ନାହାନ୍ତି। ଫଳରେ ସେମାନେ ଏକ ଗୁରୁତର ଆର୍ଥିକ ଅନିଶ୍ଚିତା ଦେଇ ଗତି କରୁଥିବା ଯୋଗୁଁ ଲୋକଙ୍କ ମନରେ ସରକାର ଓ ପ୍ରଶାସନ ବିରୁଦ୍ଧାରେ ଜନ ଅସନ୍ତୋଷ ବଢିବାରେ ଲାଗୁଛି।

## ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ତିନି ଖଣ୍ଡ ଗାଁ ର ମହିଳା

**ଜୟପୁର, ନ୍ୟୁଜ ବ୍ୟୁରୋ**

କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅଂଚଳରେ ପୁଣି ତେଜିଲା ମହିଳାଙ୍କ ମଦ ବିରୋଧୀ ଆନ୍ଦୋଳନ। ନିଜ ଅଂଚଳରେ ବେଆଇନ ମଦ ବିକ୍ରିକୁ ବିରୋଧ କଲେ ଶହ ଶହ ମହିଳା। ମଦ ବ୍ୟବସାୟୀଙ୍କୁ ନିଜ ଅଂଚଳରେ ମଦ ବିକ୍ରି କରିବା ପାଇଁ କହିବାରୁ ସେ ବ୍ୟବସାସୀ ଜଣକ, ମହିଳା ମାନଙ୍କୁ ବେଖାତିର କରି ମଦ ବିକ୍ରିକୁ ଜାରି ରଖିଛି। ଯାହାଫଳରେ ଏବେ ସମସ୍ତ ମହିଳା ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଭଳି ଦୃଶ୍ୟ ସାମ୍ନାକୁ ଆସିଛି ବୋରିଗୁମ୍ମା ଥାନା ପୂଜାରୀପୁଟ ପଂଚାୟତରୁ। ଏହି ପଂଚାୟତର ଡାଙ୍ଗରିଆଗୁଡା, ନୂଆଗୁଡା ଓ ଖୁଂଟଗୁଡା ଗାଁ ରେ ବେଆଇନ ମଦ ବିକ୍ରି ଚାଲୁଛି। ଏହି ମଦ ବିକ୍ରିକୁ ବନ୍ଦ କରିବା ପାଇଁ ମହିଳାମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଘରେ ଘରେ ଦେଶୀ ମଦ ଭାସୁଛି। ଏସବୁ ବ୍ୟବସାୟକୁ ବନ୍ଦ କରିବା ପାଇଁ ମହିଳାମାନେ ଏକତ୍ରିତ ହୋଇଛନ୍ତି। ମଦ ପାଇଁ ପରିବାର ଅର୍ଥନୀତି ଭାଙ୍ଗିପଡୁଛି ଓ ଘରୋଇ ହିଂସା ବୃଦ୍ଧି ପାଉଛି। ମଦ ପିଇ ସ୍ୱାମୀମାନେ ଘରକୁ ଆସି ଅଶାନ୍ତ ପରିବେଶ ସୃଷ୍ଟି କରୁଛନ୍ତି। ଘରେ ଖାଇବାକୁ ନଥିଲେ ମଧ୍ୟ ସେଥିପାଇଁ କୌଣସି ଚିନ୍ତା ନଥାଏ, କିନ୍ତୁ ମଦ ପାଇଁ ଟଙ୍କା ଖର୍ଚ୍ଚ କରି ମତୁଆଲ ଅବସ୍ଥାରେ ଘରେ ଅସନ୍ତୋଷ ଓ ଅଶାନ୍ତି ସୃଷ୍ଟି ହେଉଛି। ମଦ ଦୋକାନୀଙ୍କୁ ନିବେଦନ କଲେ ସେମାନେ ଅଭଦ୍ର ଭାଷାରେ ଗାଳି କରିବା ସହ ଧମକ ଦେଉଥିବା ମହିଳାମାନେ ଅଭିଯୋଗ କରିଛନ୍ତି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ସଫଳତା



**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ଶିକ୍ଷାବର୍ଷ ୨୦୨୬-୨୭ ଷଷ୍ଠ ଶ୍ରେଣୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବିରନରସିଂହପୁର କ୍ଲଷ୍ଟର ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବିରାମଚନ୍ଦ୍ରପୁରର ପ୍ରତ୍ୟୁଷ ପରଡ଼ିଆ, ସିମରନ ବେହେରା ଓ ପ୍ରିୟାଂଶି ପ୍ରିୟଦର୍ଶିନୀ ବେହେରା ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ଓ ଏହି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ ଓ ବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟ, ଗ୍ରାମବାସୀ ଏହି ସଫଳତା ପାଇଁ ଖୁସି ବ୍ୟକ୍ତ କରିଛନ୍ତି ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୪ ଅପ୍ରେଲ ୨୦୨୬ ମଙ୍ଗଳବାର





# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶାଳପଡ଼ା ଅଣ୍ଡରପାସ୍ ଉତ୍ସର୍ଗୀକୃତ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଅଞ୍ଚଳରେ ଟ୍ରାଫିକ୍ ନିୟନ୍ତ୍ରଣ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝରର ଶାଳପଡା ଠାରେ ନୂତନ NH-୨୦ର ପାଣିକୋଇଲି-ରିମୁଲି ସେକ୍ସନରେ ନବନିର୍ମିତ ଅଣ୍ଡରପାସ୍‌ର ଫ୍ଲାଇଓଭର ଉଦ୍‌ଘାଟନ କରିଛନ୍ତି। ସୂଚନାଯୋଗ୍ୟ ଯେ ପ୍ରାୟ ୮୫୦ ମିଟରରୁ ଉର୍ଦ୍ଧ୍ୱ ଲମ୍ବର ନିର୍ମିତ ଏହି ଅଣ୍ଡରପାସ୍ NH-୨୦ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସଡ଼କ ଭାବରେ ବିକଶିତ ହୋଇଛି, ଯାହାକି ରାଜ୍ୟର ପ୍ରମୁଖ ଶିଳ୍ପ, ଖଣି ଏବଂ ବାଣିଜ୍ୟିକ କ୍ଷେତ୍ରଗୁଡ଼ିକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ରାଜପଥ ମଧ୍ୟରୁ ଗୋଟିଏ। ଏଣୁ ଏହି ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳର ଟ୍ରାଫିକ୍ ହ୍ରାସ କରିବ। ଶାଳପଡା ଠାରେ ଅବସ୍ଥିତ ଏହି ଅଣ୍ଡରପାସ୍, ଶାଳପଡା, ଖପରାଖାଇ, ବାରିଗାଁ ଓ ସୁଡୁସୁଡ଼ିଆ ଭଳି ନିକଟବର୍ତ୍ତୀ ଅଞ୍ଚଳରୁ ଟ୍ରାଫିକ୍ ହ୍ରାସ କରିବ। ଏହା ଏକ ଗ୍ରେଡ୍ ସେପାରେଟର୍ ଭାବରେ କାର୍ଯ୍ୟ କରିବା ସହିତ ସୁଗମ ପରିବହନ ଏବଂ ନିରବଚ୍ଛିନ୍ନ ଗତିବିଧି ସୁନିଶ୍ଚିତ ଓ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସୁରକ୍ଷିତ ପଦଯାତ୍ରୀ କ୍ରସିଂ ମଧ୍ୟ ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ଏହି ଉଦ୍‌ଘାଟନ ସମଗ୍ର ଓଡ଼ିଶାରେ ଭିତ୍ତିଭୂମି ବିକାଶ ଏବଂ ସଡ଼କ ସୁରକ୍ଷା ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ଆଉ ଏକ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଉକ୍ତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡଃ ଫକୀର ମୋହନ ନାଏକ ଓ ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।




# ଯାଜପୁର ଗୁଳିକାଣ୍ଡ ଘଟଣାର ପର୍ଦ୍ଦାଫାସ୍:୫ ଅଭିଯୁକ୍ତ ଗିରଫ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଟାଉନ୍ ଥାନା ଅଧିନ କାଳିମେଘା ଅଞ୍ଚଳରେ ଘଟିଥିବା ଚର୍ଚ୍ଚିତ ଗୁଳିକାଣ୍ଡ ଘଟଣାର ରହସ୍ୟ ଯାଜପୁର ପୋଲିସ ପର୍ଦ୍ଦାଫାସ୍ କରିଛି। ଏହି ମାମଲାରେ ପ୍ରଥମେ ଅଜଣା ଦୁର୍ବୃତ୍ତଙ୍କ ବିରୋଧରେ କେସ୍ ରେଜିଷ୍ଟର୍ ହୋଇଥିଲେ ମଧ୍ୟ, ପରବର୍ତ୍ତୀ ତଦନ୍ତରେ ୫ ଜଣଙ୍କ ସଂପୃକ୍ତି ସ୍ପଷ୍ଟ ହୋଇଥିବାରୁ ସମସ୍ତଙ୍କୁ ଗିରଫ କରାଯାଇଛି। ଯାଜପୁର ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯାଜପୁର ଏସ୍ପି ୟସ୍ ପ୍ରତାପ ଶ୍ରୀମାଲ ଏହି ହତ୍ୟାକାଣ୍ଡ ଘଟଣାର ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏହି ସମ୍ମିଳନୀରେ ଡି.ଏସ୍.ପି ପ୍ରଶାନ୍ତ କୁମାର ମାଝୀ, ଯାଜପୁର ଥାନା ଅଧିକାରୀ ଶରତ କୁମାର ନାୟକ, ଏସ୍‌ଆଇ ସୁବାଷ ଚନ୍ଦ୍ର ମୁଦୁଲି, ଏସ୍‌ଆଇ ମହେନ୍ଦ୍ର ସେଠୀ, ଆଡିସ୍‌ନାଲ୍ ଆଇ.ଆଇ.ସି ଭୂବନ ମୋହନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ଯାଜପୁର ଥାନା କେସ୍ ନଂ-୧୪୨ (ତା. ୦୭.୦୪.୨୦୨୬) ଧାରା ୧୦୩(୧) ଆରମ୍ ଆକଟ୍ ଓ ୨୫/୨୭ ଅନୁସାରେ ମାମଲା ରୁଜୁ ହୋଇଥିଲା। ଗତ ୬ ଏପ୍ରିଲ ରାତି ପ୍ରାୟ ୧୦.୪୦ ମଧ୍ୟରେ କୁଆଁସରପୁର ଅଞ୍ଚଳର ସୌମ୍ୟ ସାଗର ସାମଲ (୨୩) ଗାରିଆପୁର ଛକରୁ ତାଙ୍କ ଭଡା ଘର କାଳିମେଘାକୁ ସ୍କୁଟିରେ ଯାଉଥିବା ବେଳେ ଅଜଣା ଦୁର୍ବୃତ୍ତମାନେ ତାଙ୍କୁ ଗୁଳି କରିଥିଲେ। ଗୁରୁତର ଆହତ ଅବସ୍ଥାରେ ସେମାନେ ପ୍ରଥମେ ଯାଜପୁର ଜିଲ୍ଲା ହସ୍ପିଟାଲ୍ ଓ ପରେ କଟକ ବଡ଼ ମେଡିକାଲ୍‌କୁ ନେଇଥିଲେ, କିନ୍ତୁ ସେହି ରାତିରେ ଚିକିତ୍ସାଧୀନ ଅବସ୍ଥାରେ ସେ ପ୍ରାଣ ହରାଇଥିଲେ। ଏହାପରେ ମଙ୍ଗଳାବାଗ ଥାନାରେ କେସ୍ ରେଜିଷ୍ଟର୍ ହୋଇଥିଲା ଏବଂ ପୋଷ୍ଟମର୍ଟମ୍ ପରେ ପରବର୍ତ୍ତୀ ଦିନ ଯାଜପୁର ଥାନାରେ ଅଭିଯୋଗ ଦାଖଲ ହୋଇଥିଲା। ଯାଜପୁର ଟାଉନ୍ ଥାନା ପୋଲିସ ତତ୍‌କ୍ଷଣାତ୍ ତଦନ୍ତ ଆରମ୍ଭ କରି ଏକ ବିଶେଷ ଟିମ୍ ଗଠନ କରିଥିଲା। ତଦନ୍ତ ଆରମ୍ଭରେ କୌଣସି ପ୍ରମାଣ ମିଳୁନଥିବାରୁ ମାମଲା ଜଟିଳ ଥିଲା। ପରେ ବୈଜ୍ଞାନିକ ଟିମ୍‌ର ସହଯୋଗରେ ରକ୍ତ ନମୁନା, ଖାଲି କାର୍ତ୍ତୁଜ ଓ ଯାନବାହନ ଜବତ କରାଯାଇଥିଲା। ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇ ମୁଖ୍ୟ ସୂତ୍ର ମିଳିଥିଲା। ତଦନ୍ତରେ ପ୍ରକାଶ ପାଇଛି ଯେ, ମୃତକଙ୍କ ସ୍ତ୍ରୀ ସୁଭାଶ୍ରୀ ବେହେରା ଓ ତାପସ କୁମାର ଖିଲାରଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ଏହି ସମ୍ପର୍କକୁ ନେଇ ପରିବାରିକ ବିବାଦ ତୀବ୍ର ହୋଇଥିଲା। ମୃତକ ଏହାକୁ ବିରୋଧ କରିଥିବାରୁ ତାଙ୍କୁ ହତ୍ୟା କରିବା ପାଇଁ ପୂର୍ବ ଯୋଜନା ତିଆରି ହୋଇଥିଲା। ଯୋଜନା ଅନୁଯାୟୀ, ପ୍ରିତି ପ୍ରଭା ପ୍ରିୟଦର୍ଶିନୀ ଚିନୁ ମାଧ୍ୟମରେ ରାଉରକେଲାରୁ ସୁରଜ ସିଂହ ଓ ଅଙ୍କିତ ଠାକୁରଙ୍କୁ ଅର୍ଥ ପ୍ରଦାନ କରି ପିସ୍ତଲ୍ ବ୍ୟବସ୍ଥା କରାଯାଇଥିଲା। ପରେ ତାପସ ଖିଲାର ସେହି ଅସ୍ତ୍ର ନେଇ ଯାଜପୁରକୁ ଆସି ଘଟଣାକୁ ଅଞ୍ଜାମ ଦେଇଥିଲେ। ଘଟଣା ପରେ ଅସ୍ତ୍ରକୁ ଯାଜପୁର ଯଯାତି କେଶରୀ ମେଡିକାଲ୍ କଲେଜ୍ ପଛପଟ ବୈତରଣୀ ନଦୀ ପଠାରେ ଲୁଚାଇ ରଖାଯାଇଥିଲା, ଯାହାକୁ ପୋଲିସ ପରେ ଉଦ୍ଧାର କରିଛି। ଏହି ମାମଲାରେ ତାପସ କୁମାର ଖିଲାର, ପ୍ରିତି ପ୍ରଭା ପ୍ରିୟଦର୍ଶିନୀ ଚିନୁ, ସୁଭାଶ୍ରୀ ବେହେରା, ସୁରଜ ସିଂହ ଓ ଅଙ୍କିତ ଠାକୁରଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ଗୋଟିଏ ଦେଶୀ ପିସ୍ତଲ, ଜୀବନ୍ତ କାର୍ତ୍ତୁଜ, ସାତଟି ମୋବାଇଲ, ଗୋଟିଏ ବାଇକ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ୧୩ ଏପ୍ରିଲ ସକାଳେ କୋର୍ଟକୁ ପ୍ରେରଣ କରାଯାଇଥିବା ସୂଚନା ମିଳିଛି।







# ଓଡ଼ିଆ ପକ୍ଷ ଅବସରରେ ବନ୍ଦନୀୟ ବରପୁତ୍ର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ମ୍ୟୁଜିୟମ୍‌ରେ ଠାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ, ବୌଦ୍ଧ ତହସିଲଦାର ଅନିତା କୁମାରୀ ସାହୁ, ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ର, କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ତଥା ଦୈନିକ ହୀରାଞ୍ଚଳର ସମ୍ପାଦକ ଯୁଗଳ କିଶୋର ସାମଲ ମଞ୍ଚାସୀନ ରହି ଉତ୍କଳର ବନ୍ଦନୀୟ ବରପୁତ୍ର ମାନଙ୍କ ଉପରେ ନିଜ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ବୌଦ୍ଧର ଦିବଂଗତ କବି, ଲେଖକ, ସାହିତ୍ୟିକ ତଥା ବରପୁତ୍ର ମାନଙ୍କ ସମ୍ପର୍କରେ ଆଲୋଚକ ମାନେ ଆଲୋଚନା କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ଅଙ୍କିତା ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ତଥା କବି ନବ କିଶୋର ଦୀପ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

# ରାଜନୈତିକ ବିଚାରଧାରାର ଉର୍ଦ୍ଧ୍ୱରେ ରହି କାର୍ଯ୍ୟ କଲେ ବଲାଙ୍ଗୀରର ବିକାଶ ଘଟିବ:ନରସିଂହ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ଦେବାଶିଷ ବନଦୁର୍ଗା ମହୋତ୍ସବର ପରିକଳ୍ପନା ବିସ୍ଥାପିତଙ୍କ ଭିତରେ ଏକତା, ଡ୍ୟାମ୍ ଅଞ୍ଚଳର ସମ୍ପୂର୍ଣ୍ଣ ବିକାଶ ଏବଂ ବିସ୍ଥାପିତଙ୍କ ବାକି ରହିଯାଇଥିବା ଦାବି ଗୁଡିକର ସମାଧାନର ସୂତ୍ର ବାହାର କରିବା ପାଇଁ କରାଯାଇଛି । ଏଥର ହେଉଛି ଏହି ମହୋତ୍ସବର ଦ୍ୱିତୀୟ ବର୍ଷ । ଏହାର ଅଧ୍ୟକ୍ଷ ହିସାବରେ ମୁଁ ନିଶ୍ଚିତ ଭାବରେ ଗର୍ବ ଅନୁଭବ କରିବି ଯେ, ଉଦ୍‌ଯାପନୀ ଦିବସରେ ରାଜନୈତିକ ବିଦ୍ୱେଷ ତଥା ଚିନ୍ତାଧାରାକୁ ପଛରେ ପକାଇ ତିନି ପ୍ରମୁଖ ରାଜନୈତିକ ଦଳର ରାଜନେତାମାନେ ମଞ୍ଚାସିନ ଅଛନ୍ତି । ସମସ୍ତେ ଏଥିରେ ବି ସହମତ ଯେ, ସମସ୍ତେ ଏକତ୍ରୀତ ହୋଇ ଏହି ପ୍ରକଳ୍ପ ଅଞ୍ଚଳ ତଥା ବିସ୍ଥାପିତଙ୍କ ସମସ୍ୟାର ସମାଧାନ ପାଇଁ ଆଗଭର ହେବେ । ମୁଁ ମଧ୍ୟ ଏଥିରେ ସହମତ ଯେ, ରାଜନୈତିକ ଚିନ୍ତାଧାରା ଉର୍ଦ୍ଧ୍ୱରେ ରହି ଆମେ ଯଦି ପ୍ରତ୍ୟେକେ ନିଜର ଯୋଗଦାନ ଏହି ଅଞ୍ଚଳ ତଥା ବିସ୍ଥାପିତଙ୍କ ପ୍ରତି ପ୍ରଦାନ କରିବା ତେବେ ନିଶ୍ଚିତ ଭାବରେ ପ୍ରକଳ୍ପ ତଥା ଆଖପାଖ ଅଞ୍ଚଳର ବିକାଶ ହୋଇପାରିବ ବୋଲି ଲୋୟର ଶୁକତେଲ ଡ୍ୟାମ୍ ତଳେ ଅନୁଷ୍ଠିତ ବନଦୁର୍ଗା ମହୋତ୍ସବର ଉଦ୍‌ଯାପନ ଦିବସରେ ଏହାର ଅଧ୍ୟକ୍ଷ ତଥା ପୂର୍ବତନ ଆଇନ୍ ମନ୍ତ୍ରୀ ନରସିଂହ ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି । ବନଦୁର୍ଗା ମହୋତ୍ସବ କମିଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ ଦଫା ଦାବି ଦିଆଯାଇଛି । ପ୍ରକଳ୍ପ ଅଞ୍ଚଳରେ ଏକ ସୁନ୍ଦର ବଗିଚା ଓ ଏକ ଷ୍ଟାଡିୟମ୍ ନିର୍ମାଣ, ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲି, ଯାହାକି ବିଭାଗୀୟ ଅଧିକାରୀମାନେ ଆସି ତାହାର ଡିପିଆର୍ ପ୍ରସ୍ତୁତ ପାଇଁ ପ୍ରସ୍ତୁତି ଦିଗରେ ପଦକ୍ଷେପ ନେଇସାରିଛନ୍ତି । ନିଶ୍ଚିତ ଭାବରେ ଏହି କାମ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବେ ବୋଲି କହିଥିଲେ । ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକି ସାହୁ ସମସ୍ତେ ମିଳିମିଶି ପ୍ରକଳ୍ପ ତଥା ବିସ୍ଥାପିତଙ୍କ ସମସ୍ୟା ପାଇଁ ସାମୂହିକ ଉଦ୍ୟମ କଲେ ଅଞ୍ଚଳର ବିକାଶ ନିଶ୍ଚିତ ହେବ ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ଗୋପାଳଜୀ ପାଣିଗ୍ରାହୀ ଯୋଗଦେଇ ପ୍ରକଳ୍ପ ପାଇଁ ତାଙ୍କ ଲଢେଇ ଅଞ୍ଚଳବାସୀ ଠିକ୍ ଜାଣିଛନ୍ତି । ଗତ ସରକାର ଅସମ୍ପୂର୍ଣ୍ଣ ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି । ସେ ଯାହା ବି ହେଉ ମୋହନ ସରକାର ଯାହା ବି କାମ ରହିଯାଇଛି ସେସବୁକୁ ପୂରା କରିବା ଦିଗରେ ଉଦ୍ୟମ ଜାରି ରଖିବେ ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଶ୍ରୀକର ମିଶ୍ର, ପୂର୍ବତନ ସଦର ବ୍ଲକ ଅଧ୍ୟକ୍ଷ ଗୁଲାପ ବାଗ ବ୍ଲକ୍ ଅଞ୍ଚଳରେ ଥିବା ପୁନର୍ବାସ ଥଇଥାନ କଲୋନୀର ଉନ୍ନତି ପାଇଁ ଚେଷ୍ଟାରତ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଘାସିରାମ ବେହେରା ବିସ୍ଥାପିତଙ୍କ ତରଫରୁ ବିସ୍ଥାପିତ କେମିତି ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି ସମସ୍ତ ଲୋକ ପ୍ରତିନିଧି ଓ ମଞ୍ଚକୁ ଦୃଷ୍ଟି ଆକର୍ଷଣ କରିଥିଲେ । ସଭାପତି ସଞ୍ଜୟ ଗଡତ୍ୟା ପ୍ରମୁଖ ମଞ୍ଚାସିନ ଥିବାବେଳେ ମଞ୍ଚ ପରିଚାଳନା ବିକାଶ ରଞ୍ଜନ ରଥ କରିଥିବା ବେଳେ ସମ୍ପାଦକ ଜୟକୃଷ୍ଣ ମିଶ୍ର, ଉପସଭାପତି କୈଳାସ ଚନ୍ଦ୍ର ସିଂଦେଓ, ସରପଞ୍ଚ ହିମାଞ୍ଚଳ ମେହେର, ଲମ୍ବୋଦର ପ୍ରଧାନ, ପ୍ରମୋଦ ପଟେଲ, ଭରତ ସାହୁ, ବ୍ୟାସଦେବ ବନଛୋର, ସ୍ୱେଚ୍ଛାସେବୀ ବିଶ୍ୱଜିତ ନାଥ ସମସ୍ତ କାର୍ଯ୍ୟକ୍ରମ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ପ୍ରକାର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ବିସ୍ଥାପିତ ନିତ୍ୟାନନ୍ଦ ବାଗ ଏବଂ ଅତିଥି କଳାକାର ବ୍ୟାସଦେବ ପୁରୋହିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଅନୁରୋଧକ୍ରମେ ଓଡ଼ିଶା ସରକାର ସାଂସ୍କୃତିକ ବିଭାଗ ୭ ଗୋଟି ସାଂସ୍କୃତିକ ଦଳ ଯୋଗଦେଇଥିଲେ । କୁନି କଳାକାର ଆଦ୍ରିକା ଯୋଶୀଙ୍କ ନୃତ୍ୟ ସମସ୍ତ ଦର୍ଶକଙ୍କ ମନକୁ ବେଶ୍ ଛୁଇଁଥିଲା । ଖଞ୍ଜଣି ଭଜନ ମାଗୁରବେଡା, କଂସ ଦରବାର, କଳାଜିବି ବରଗଡ଼, ଜିତେନ୍ଦ୍ର ହରିପାଲ କଳା ଗବେଷଣା ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଯାଇଛି । ହଜାର ହଜାର ଲୋକ ବନଦୁର୍ଗା ମହୋତ୍ସବରେ ଯୋଗଦେଇ ମା'ଙ୍କ ମନ୍ଦିର ଓ ଶିବ ମନ୍ଦିର କେମିତି ଶୀଘ୍ର ଆରମ୍ଭ ହେବ ଦାବି ରଖିଥିଲେ ।




# ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାର ସମସ୍ତ ସହାୟତା ଯୋଗାଇଦେଉଛନ୍ତି

**ରାଇରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ଚଳିତ ଶିକ୍ଷା ବର୍ଷ ପାଇଁ କୁସୁମୀ ମଣ୍ଡଳ ସ୍ତରୀୟ 'ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ' କାର୍ଯ୍ୟକ୍ରମ ପିଏମ୍ ଶ୍ରୀ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। କୁସୁମୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହାସୁଣୀ ହେମ୍ବ୍ରମଙ୍କ ଅଧ୍ୟକ୍ଷତା ଏବଂ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବକୁ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କୁସୁମୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବଶଙ୍କର ମୁର୍ମୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୟପୁର ସରପଞ୍ଚ ଠାକୁରା ନାଏକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଷିନାଥ ମୁଣ୍ଡା, ପୁରାତନ ଛାତ୍ର ସଂଗଠନ ସଭାପତି ଭଞ୍ଜକିଶୋର ମହାନ୍ତ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାସନ୍ତୀ ସିଂ, ବିଆର୍‌ସିସି ଜଲେଶ୍ୱରୀ ମହାନ୍ତ, ଅଧ୍ୟାପକ ଡ. ଦିଗମ୍ବର ଗିରି, ସମିତି ସଭ୍ୟ ଜଗନ୍ନାଥ ମୁଣ୍ଡା ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ବିଭୁତି ଭୂଷଣ ପାଢ଼ୀ ପ୍ରମୁଖ ମଞ୍ଚାସିନ ଥିଲେ। ବିଧାୟକ ଶ୍ରୀ ନାଏକ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହ କହିଥିଲେ ଯେ, ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ। ଜୟପୁର ପିଏମ୍ ଶ୍ରୀ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ସମଗ୍ର ମୟୁରଭଞ୍ଜ ଜିଲ୍ଲାରେ ଯେଉଁ ଉଲ୍ଲେଖନୀୟ ସଫଳତା ପାଇଛି, ସେଥିପାଇଁ ଅତିଥିମାନେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସିଆର୍‌ସିସି ଏବଂ ସ୍ଥାନୀୟ ଅଭିଭାବକମାନେ ଉପସ୍ଥିତ ଥିଲେ।



# କୋଣାର୍କ ଲୋକକଳା ମହୋତ୍ସବ:କଳା ଓ ସଂସ୍କୃତିର ପ୍ରଚାର ପ୍ରସାରରେ ମହୋତ୍ସବର ଭୂମିକା ଗୁରୁତ୍ୱପୂର୍ଣ୍ଣ




**କୋଣାର୍କ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶୀ ନୃତ୍ୟ ଓ ଲୋକ ନୃତ୍ୟ ଉତ୍ସବର ସମାହାର କୋଣାର୍କ ଲୋକକଳା ମହୋତ୍ସବ ୨୦୨୬ ରବିବାର ଦିନ ତମାମ କଲ୍ୟାଣ ମଣ୍ଡପ ପରିସରର ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସଂସ୍କୃତି ବିଭାଗ ସହଭାଗିତାରେ ସାଂସ୍କୃତିକ ଅନୁଷ୍ଠାନ ମୂର୍ଚ୍ଛନା ଓ ଓଡ଼ିଶା କଲ୍‌ଚର୍ ଆର୍ଟ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ଉତ୍ସବର ପ୍ରତିଷ୍ଠାତା ଓ ସଭାପତି ବସନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ଆଇଏଏସ୍ ଦାଶରଥି ଶତପଥୀ, ମୁଖ୍ୟବକ୍ତା ଭାବେ ଟେକ୍ନିକାଲ୍ ନିର୍ଦ୍ଦେଶକ ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱର ବାସୁଦେବ ହେମ୍ବ୍ରମ୍, ସମ୍ମାନୀତ ଅତିଥି ଭାବେ ପ୍ରସିଦ୍ଧ ବ୍ୟଙ୍ଗକବି ସମ୍ପଦ କୁମାର ରଥ, ବିଶିଷ୍ଟ ସମାଜସେବୀ ଡ. ତ୍ରିଲୋଚନ ବରାଳ, ସହ ସଂଯୋଜକ ବିଜେପି ସାଂସ୍କୃତିକ ପ୍ରକୋଷ୍ଠ କୃତିବାସ ରଥ, ସଂସ୍କୃତି ଗବେଷକ ତଥା ଶିକ୍ଷାବିତ୍ ମନମୋହନ ସ୍ୱାଇଁ, ସଭାପତି ଭାଗବତ ଟୁଙ୍ଗି ପ୍ରଚାର ସମିତି ଓଡ଼ିଶା ନଙ୍ଗୁଳି ବାବା, ସାମ୍ବାଦିକ ତଥା ପରିବେଶବିତ୍ ଜ୍ଞାନରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଆୟୋଜକ ଦ୍ୱାରା ଆୟୋଜିତ କରାଯାଉଥିବା ଏହି ଉତ୍ସବ ଦ୍ୱାରା ଲୋକକଳା ଓ କଳାକାର ମାନଙ୍କର ଉନ୍ନତି ହେବା ସହ କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ନେଇ ମତପୋଷଣ କରିଥିଲେ। କଳାକାର ଓଡ଼ିଆ ଅସ୍ମିତା ଓ ସଂସ୍କୃତିର ପରିଚୟ ସେମାନେ ଆମର ଗର୍ବ ଓ ଗୌରବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ୨ ଶହରୁ ଉର୍ଦ୍ଧ୍ୱ କଳାକାର, ନୃତ୍ୟଶିଳ୍ପୀ, କଣ୍ଠଶିଳ୍ପୀ, ଅଭିନେତା, ସମାଜସେବୀ ଓ ସାହିତ୍ୟିକ ମାନଙ୍କୁ କୋଣାର୍କ ରତ୍ନ, ଧର୍ମପଦ ସ୍ମୃତି ସମ୍ମାନ, ଅର୍କଶ୍ରୀ ସମ୍ମାନ ଆଦି ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦୀପ ବିହାରୀ ମଞ୍ଚ ସଂଯୋଜନା କରିଥିବା ବେଳେ ନିରାକାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ପରିଚାଳନାରେ ବିଜୟ କେତନ ସାହୁ, ମୋନାଲିସା ଷଡ଼ଙ୍ଗୀ, ଦିବ୍ୟାଲିଶା ନାୟକ, ମୋନାଲିସା ମୁଦୁଲି, ପ୍ରଗତି ପାତ୍ର, ଦୀପକ ବେହେରା, ପ୍ରଶାନ୍ତ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ପତ୍ନୀଙ୍କୁ ପିଟି ପିଟି ମାରିଦେବାପରେ ପାଇଖାନା ଟାଙ୍କିରେ ପୋତିଦେଲା ସ୍ୱାମୀ





**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ଥାନା ଅଧିନରେ ଘଟିଛି ଏକ ଚାଞ୍ଚଲ୍ୟକର ଘଟଣା । ଚରିତ୍ରକୁ ସନ୍ଦେହ କରି ପତ୍ନୀକୁ ପିଟି ପିଟି ମାରି ଦେବାପରେ ପ୍ରମାଣ ଲୁଚାଇବାକୁ ଯାଇ ସ୍ୱାମୀ ଜଣକ ଏକ ପାଇଖାନା ଟାଙ୍କିରେ ପୋତି ଦେଇଥିଲା । ବାପାର ଏଭଳି ଜଘନ୍ୟ କାମକୁ ୪ ବର୍ଷର ପୁଅ ସହିନପାରି ପଡୋଶୀଙ୍କ ନିକଟରେ ହତ୍ୟା ଘଟଣାର ଗୁମର ଖୋଲିଛି । ରାଇଘର ଥାନା ଅନ୍ତର୍ଗତ ଯୋଡ଼ିଙ୍ଗା ପଞ୍ଚାୟତର ବୋରଗାଁ ଗ୍ରାମର ସୁବାସ ଗଣ୍ଡ ନିଜ ପତ୍ନୀ ମନେଇ ଗଣ୍ଡ ଏବଂ ପିଲାମାନଙ୍କୁ ନେଇ ଶନିବାର ଦିନ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ସାରି ଘରକୁ ଫେରିବା ପରେ ପତ୍ନୀର ଚରିତ୍ରକୁ ସନ୍ଦେହ କରି ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇ ଶେଷରେ ସୁବାସ ମନେଇକୁ ପିଟିପିଟି ମାରିଦେଇଥିଲା । ପ୍ରମାଣ ଲୁଚାଇବାକୁ ଯାଇ ସେହିଦିନ ରାତିରେ ନିଜ ପାଇଖାନା ଟାଙ୍କିରେ ମନେଇର ମର ଶରୀରକୁ ପୋତି ଦେଇଥିଲା । କିନ୍ତୁ ଚାରି ବର୍ଷର ପୁଅ ବାପାର ଏଭଳି ଜଘନ୍ୟ କାମକୁ ସହିନପାରି ସମସ୍ତ ପଡୋଶୀଙ୍କୁ କହିଦେଇଥିଲା । ଗ୍ରାମବାସୀ ସୁବାସକୁ ଜେରା କରିବା ପରେ ସମସ୍ତ ଘଟଣା ପ୍ରକାଶ କରିଥିଲା । ଖବରପାଇ ରାଇଘର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟାଙ୍କିରୁ ଶବ ଉଦ୍ଧାର କରି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସ୍ୱାମୀକୁ ପୋଲିସ ଅଟକ ରଖିଛି ।

# ଓଡ଼ିଆ ସଂସ୍କୃତିର ଗୌରବ ରକ୍ଷା ନିମନ୍ତେ ବରପୁତ୍ର ସମ୍ମିଳନୀ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଗ୍ରନ୍ଥାଗାରରେ ଓଡ଼ିଆ ପକ୍ଷ ପାଳନର ଦ୍ୱାଦଶ ଦିନରେ ବୀରପୁତ୍ର ସମ୍ମିଳନୀ ଓ କବିତା ପାଠୋତ୍ସବ ଜିଲ୍ଲା ସଂସ୍କୃତି ବିଭାଗ ଦ୍ୱାରା ପୂର୍ବାହ୍ନ ୧୦ଟାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଡ଼ ନୃପରାଜ ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ ଉପସ୍ଥିତ ଥିଲେ। ମଞ୍ଚାସୀନ ଅତିଥି ଭାବରେ ସୁଦାମ ନାଏକ, ସୁଦାମ ଦୀପ ଓ ଦେବଦାସ ମହାପାତ୍ର ଯୋଗଦେଇ ଓଡ଼ିଶାର ସଂସ୍କୃତି ପୁରୁଷ, ବିପ୍ଳବୀ ଓ ନାରୀ ସଂଗ୍ରାମୀମାନଙ୍କ ଉପରେ ଆଲୋଚନା କରିଥିଲେ। ଜଣାଶୁଣା ଲେଖକ ଗୋରେଖ ନାଥ ସାହୁ ଆଲୋଚନା ଚକ୍ରକୁ ସମୀକ୍ଷା କରିଥିଲେ। ଏହି ଅବସରରେ ସୁବର୍ଣ୍ଣପୁରର ୫୦ ଜଣ ଲେଖକ, ଲେଖିକା, ବୁଦ୍ଧିଜୀବୀ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ କବିତା ପାଠୋତ୍ସବରେ ଅଂଶଗ୍ରହଣ କରିଥିଲେ। ସ୍ୱାଗତ ଭାଷଣ ଯମୁନା ପ୍ରଧାନ ଦେଇଥିବା ବେଳେ ଲକ୍ଷ୍ମୀନାରାୟଣ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।





# ୭୫ ଲିଟର ମଦ ଜବତ:୨ ଗିରଫ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**


ଅବକାରୀ ବିଭାଗ ତରଫରୁ ଚୌଦ୍ୱାର ଥାନା ଅଧିନ ପଦଗାଁ ଓ ଗୋଡିପାଟଣା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୭୫ ଲିଟର ଚୋରା ଦେଶୀମଦ ସହିତ ମଦ କାରବାରରେ ବ୍ୟବହୃତ ଏକ ସ୍କୁଟି ଜବତ କରାଯାଇଛି । ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଗୋଡିପାଟଣାର ସୁକାନ୍ତ ଜେନା ଓ ବିଶ୍ୱନାଥ ସାହୁ । ଅଞ୍ଚଳରେ ଚୋରାମଦ କାରବାର ହେଉଥିବା ଖବରପାଇ ଅବକାରୀ ଇନ୍ସପେକ୍ଟର ମାନସୀ ନାୟକଙ୍କ ନେତୃତ୍ୱରେ ଚୌଦ୍ୱାର ଅବକାରୀ ଥାନା ଇନ୍ସପେକ୍ଟର ଭକ୍ତ ବତ୍ସଳ ବର୍ମା, ଆଶୁତୋଷ ଜେନା ଓ ରାଜକୃଷ୍ଣ ବିଶ୍ୱାଳ, ସୁନୀଲ ବଳ, ଗୀତାଞ୍ଜଳି ବେହେରାଙ୍କ ଏକ ଟିମ୍ ଚଢ଼ଉ କରିଥିଲେ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ-୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ


**ତା୧୪।୦୪।୨୦୨୬, ବୈଶାଖ ଦି୧ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ ୫।୩୧।୪୯ ଚନ୍ଦ୍ରୋଦୟ- ରାଘ ୩।୪୫।୨୬**


**ଦ୍ୱାଦଶୀ-** ରାଘ ୧୨।୧୪ ପର୍ଯ୍ୟନ୍ତ । ଶତଭିଷା ନକ୍ଷତ୍ର ଦିଘ ୪।୦୭ ପର୍ଯ୍ୟନ୍ତ। **କୁମ୍ଭ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ, କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଇ ଓ ମସୁର ଡାଲି ରାଘ ୧୨।୧୪ ଗତେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୨ ଗତେ ଦିଘ ୧୦।୩୪ ମଧ୍ୟେ । ଦିଘ ୧।୦୩ ଗତେ ଦିଘ ୧।୨୨ ମଧ୍ୟେ । **ପର୍ବୋତ୍ସବ-** ମହାବିଷୁବ (ପଣା) ସଂକ୍ରାନ୍ତି, ମେଷ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ, ହନୁମାନ ଜୟନ୍ତୀ ।




**ମେଷ:** ଶୁଭ ସମାଚାର ମିଳିପାରେ। ସତ୍ କାର୍ଯ୍ୟରେ ଲିପ୍ତ ରହିବେ। ଆୟରେ ଉନ୍ନତି ଦେଖାଦେବ। ବନ୍ଧୁଙ୍କ ସାହାଯ୍ୟ ସହଯୋଗ ପାଇ ଉପକୃତ ହେବେ। ଘରେ ସୁଖ ଶାନ୍ତି ରହିବ ।




**ବୃଷ:** ପାରିବାରିକ ଶାନ୍ତି ଅବ୍ୟାହତ ରହିବ। ଶୁଭ କାର୍ଯ୍ୟରେ ଯୋଗ ଦେଇପାରନ୍ତି। କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ଦେହ ଓ ମନ ଭଲ ରହିବ। ରୋଜଗାର ଭଲ ହେବ ।



**ମିଥୁନ:** ଆଜି ଆପଣଙ୍କର ଘାତଚନ୍ଦ୍ର। ଏଣୁ ସାବଧାନତା ଅବଲମ୍ବନୀୟ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ସମସ୍ତ କାର୍ଯ୍ୟ ଆପଣଙ୍କର ବିଳମ୍ବରେ ହେବ। ଘରେ ଅଶାନ୍ତି ଓ କଳହ ଦେଖାଦେବ ।



**କର୍କଟ:** ପ୍ରତ୍ୟେକ କାର୍ଯ୍ୟରେ ଚଞ୍ଚଳତା ଦେଖାଦେବ। କର୍ମକ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ଆୟର ପରିମାଣ ବଢ଼ିବ। ଘରେ ସୁଖ ଶାନ୍ତି ବଜାୟ ରହିବ। ମହିଳାମାନେ ଅଳସୁଆମୀ ହେବେ ।




**ସିଂହ:** ବ୍ୟବସାୟରେ ଲାଭବାନ୍ ହେବେ। ଶରୀର ସୁସ୍ଥ ରହିବ। ଧର୍ମ କାର୍ଯ୍ୟରେ ଯୋଗଦେଇ ଖୁସି ହେବେ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଆୟ ସ୍ଥିର ରହିବ। ଘରେ ସୁଖ ଶାନ୍ତି ବଜାୟ ରହିବ ।




**କନ୍ୟା:** ସାଧନାରେ ସିଦ୍ଧି ଲାଭ କରିବେ। ବନ୍ଧୁ ଦର୍ଶନ ସହିତ ଆମୋଦ ପ୍ରମୋଦ ମଧ୍ୟରେ ଦିନଟି ବିତିବ। ରୋଜଗାର ଭଲ ହେବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ।




**ତୁଳା:** ଆୟର ପରିମାଣ ବଢ଼ିବ। ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ଶରୀର ସୁସ୍ଥ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ମହିଳାମାନେ ସୁଖୀ ହେବେ ।



**ବିଛା:** ଆର୍ଥିକ ସ୍ଥିତି ଭଲ ରହିବ। କର୍ମକ୍ଷେତ୍ରରେ ସତର୍କ ନହେଲେ ଠକାମିର ଶିକାର ହୋଇପାରନ୍ତି। ଶୁଭ ଖବର ପାଇ ଆନନ୍ଦିତ ହେବେ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ ।



**ଧନୁ:** ଦେବ ଦର୍ଶନ ସହିତ ମାଙ୍ଗଳିକ କାର୍ଯ୍ୟର ମଧ୍ୟ ଯୋଗ ରହୁଛି। ମନରେ ଭକ୍ତିଭାବ ଜାଗ୍ରତ ହେବ । ପାରିବାରିକ ଶାନ୍ତି ପ୍ରାପ୍ତ ହେବ। ନୂତନ କାର୍ଯ୍ୟ ଆରମ୍ଭ ହୋଇପାରେ। ଆୟ ଅପେକ୍ଷା ବ୍ୟୟର ମାତ୍ରା ବଢ଼ିବ ।



**ମକର:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଗୃହେ ଆନନ୍ଦ ଦେଖାଦେବ। ଆୟ ମଧ୍ୟମ ଧରଣର ହେବ। ନୂତନ ବନ୍ଧୁ ଦର୍ଶନର ସୁଯୋଗ ।



**କୁମ୍ଭ:** ଆଜି ଆପଣଙ୍କର ଦିନଟି ଭଲରେ ବିତିବ। ଶରୀର ସୁସ୍ଥ ରହିବ। କର୍ମକ୍ଷେତ୍ରରେ ସଫଳତା ଦେଖାଦେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ରୋଜଗାର ସ୍ଥିର ରହିବ। ଘରେ ଆନନ୍ଦ ।



**ମୀନ:** ବ୍ୟବସାୟରେ ମଧ୍ୟମ ଧରଣର ଫଳ ପାଇବେ। ବ୍ୟୟର ମାତ୍ରା ଅଧିକ ହେବ। କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ। ଘରେ ଅଶାନ୍ତି ଓ କଳହ ଦେଖାଦେବ । ମନ ଅସ୍ଥିର ରହିବ ।

# ୧୨ କେଜି ଗଞ୍ଜେଇ ଜବତ:୨ କୋର୍ଟ ଚାଲାଣ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ବୌଦ୍ଧ ମହାନଦୀ ବ୍ରିଜ ଛକରୁ ୧୨ କେଜି ୪୦୦ ଗ୍ରାମ୍ ଗଞ୍ଜେଇ ଜବତ ମାମଲାରେ ଜଣେ ପୁରୁଷ ଓ ଜଣେ ମହିଳାଙ୍କୁ ଶନିବାର ଦିନ କୋର୍ଟ ଚାଲାଣ କରିଛି । ମିଳିଥିବା ସୂଚନା ଅନୁଯାୟୀ ସକାଳେ ଏକ ଘରୋଇ ବସ୍‌ରୁ ବୌଦ୍ଧ ମହାନଦୀ ବ୍ରିଜ୍ ଛକରେ ଓହ୍ଲାଇ ଉତ୍ତର ପ୍ରଦେଶ ରାଜ୍ୟର ସର୍ବେଶ କୁମାର ଓ ରୀମା ଦେବୀ ଓହ୍ଲାଇ ରେଢାଖୋଲ ଆଡକୁ ଯିବା ପାଇଁ ବସ୍ ଅପେକ୍ଷାରେ ଥିଲେ । ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଉଭୟଙ୍କୁ ତଲାସୀ କରିଥିଲା ଓ ସେମାନଙ୍କ ନିକଟରୁ ୧୨ କେଜି ୪୦୦ ଗ୍ରାମ୍ ଗଞ୍ଜେଇ ଜବତ କରି ଉଭୟଙ୍କୁ ଗିରଫ କରିଥିଲା । ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ-୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୫।୦୪।୨୦୨୬, ବୈଶାଖ ଦି୨ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୫।୩୧।୦୩ ଚନ୍ଦ୍ରୋଦୟ- ରାଘ ୪।୨୨।୧୮**

**ତ୍ରୟୋଦଶୀ-** ରାଘ ୧୦।୩୪ ପର୍ଯ୍ୟନ୍ତ। ପୂର୍ବାଭାଦ୍ର ନକ୍ଷତ୍ର ଦିଘ ୩।୨୨ ପର୍ଯ୍ୟନ୍ତ। **କୁମ୍ଭ ଚନ୍ଦ୍ର-** ଦିଘ ୯।୩୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । ଦିଘ ୯।୩୮ ଗତେ ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । ଦିଘ ୯।୩୮ ଗତେ ଧନୁ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବାଇଗଣ ରାଘ ୧୦।୩୪ ଗତେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୩ ଗତେ ଦିଘ ୭।୧୩ ମଧ୍ୟେ । ଦିଘ ୧।୫୧ ଗତେ ଦିଘ ୫।୧୨ ମଧ୍ୟେ ।

32 YEARS
ସମ୍ବାଦ କଳିକା

# ପିଏନବି ଗ୍ରାହକଙ୍କ ପାଇଁ ବଡ଼ ଆଲର୍ଟ

ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନବି) ଗ୍ରାହକଙ୍କ ପାଇଁ ଖବରଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବ୍ୟାଙ୍କ ପକ୍ଷରୁ ଜାରି କରାଯାଇଥିବା ସଦ୍ୟତମ ଆଲର୍ଟ ଅନୁଯାୟୀ, ଆସନ୍ତା ୧୬ ଏପ୍ରିଲରୁ ଅନେକ ବ୍ୟାଙ୍କ ଆକାଉଣ୍ଟ ବନ୍ଦ ହେବାକୁ ଯାଉଛି । ଯଦି ଆପଣଙ୍କର ମଧ୍ୟ ଏମିତି କିଛି ଆକାଉଣ୍ଟ ଅଛି ଯେଉଁଥିରେ ଦୀର୍ଘ ଦିନ ହେବ କୌଣସି କାରବାର ହୋଇନାହିଁ, ତେବେ ଆପଣଙ୍କ ପାଖରେ ସମୟ ଖୁବ୍ କମ୍ ଅଛି । ପିଏନବି ପକ୍ଷରୁ ସ୍ପଷ୍ଟ କରାଯାଇଛି କି, ଯେଉଁ ଖାତାଧାରକମାନେ ବିଗତ ୩ ବର୍ଷ ଧରି ନିଜ ଆକାଉଣ୍ଟରୁ କୌଣସି ପ୍ରକାରର କାରବାର କରିନାହାନ୍ତି ଏବଂ ସେହି ଖାତାରେ ଜିରୋ ବାଲାନ୍ସ ରହିଛି, ସେହିଭଳି ଆକାଉଣ୍ଟଗୁଡ଼ିକୁ ବନ୍ଦ କରିଦିଆଯିବ । ଏଥିପାଇଁ ବ୍ୟାଙ୍କ ୧୫ ଏପ୍ରିଲକୁ ଶେଷ ସମୟ ସୀମା ବା ଡେଡଲାଇନ ଭାବେ ଧାର୍ଯ୍ୟ କରିଛି । କାହିଁକି ବ୍ୟାଙ୍କ ନେଉଛି ଏଭଳି ପଦକ୍ଷେପ ? ବ୍ୟାଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ନିଷ୍କ୍ରିୟ ଖାତାଗୁଡ଼ିକରୁ ହେଉଥିବା ସମ୍ଭାବ୍ୟ ଜାଲିଆତି ବା ଫ୍ରଡକୁ ରୋକିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି । ବ୍ୟବହାର ହେଉନଥିବା ଜିରୋ ବାଲାନ୍ସ ଖାତାଗୁଡ଼ିକର ଅପବ୍ୟବହାର ହେବାର ସମ୍ଭାବନା ଅଧିକ ଥାଏ, ତେଣୁ ଗ୍ରାହକଙ୍କ ସୁରକ୍ଷା ପାଇଁ ବ୍ୟାଙ୍କ ଏହାକୁ ଡି-ଆକ୍ଟିଭେଟ୍ କରିବାକୁ ଯାଉଛି । ଆପଣଙ୍କ ଆକାଉଣ୍ଟକୁ ପୁଣି ସକ୍ରିୟ କରିବାପାଇଁ ହେଲେ ଆପଣଙ୍କ ବ୍ୟାଙ୍କ ଖାତାକୁ ବନ୍ଦ ହେବାରୁ ରୋକିବା ପାଇଁ ଆପଣଙ୍କୁ ତୁରନ୍ତ ଏହି ପଦକ୍ଷେପ ନେବାକୁ ପଡ଼ିବ-୧୫ ଏପ୍ରିଲ ପୂର୍ବରୁ ଆପଣଙ୍କର ନିକଟସ୍ଥ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ କେୱାଇସି ଶାଖାକୁ ଯାଆନ୍ତୁ, ସେଠାରେ ଆବଶ୍ୟକୀୟ ଦସ୍ତାବିଜ ଦେଇ ଆପଣଙ୍କର କେୱାଇସି (Know Your Customer) ପ୍ରକ୍ରିୟା ସମ୍ପୂର୍ଣ୍ଣ କରନ୍ତୁ ଏବଂ ଆକାଉଣ୍ଟକୁ ସକ୍ରିୟ ରଖିବା ପାଇଁ କିଛି ଟଙ୍କା ଜମା କରନ୍ତୁ କିମ୍ବା ଉଠାଣ କରନ୍ତୁ । ଯଦି ଆପଣ ଧାର୍ଯ୍ୟ ସମୟ ମଧ୍ୟରେ ଏହି କାମ ନକରନ୍ତି, ତେବେ ୧୬ ଏପ୍ରିଲରେ ବ୍ୟାଙ୍କ ବିନା କୌଣସି ସୂଚନାରେ ଆପଣଙ୍କ ଆକାଉଣ୍ଟକୁ ବନ୍ଦ କରିଦେବ । ଅଧିକ ସୂଚନା ପାଇଁ ତୁରନ୍ତ ବ୍ୟାଙ୍କ ବ୍ରାଞ୍ଚ ସହିତ ଯୋଗାଯୋଗ କରନ୍ତୁ ।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

## ବିଶ୍ୱରୂପ ଦର୍ଶନ



### ସୂର୍ଯ୍ୟୋଦୟ ଅପେକ୍ଷାରେ


ଅସ୍ତଗାମୀ ସୂର୍ଯ୍ୟ
ଧୀରେ ଧୀରେ ଛପିଯାଏ
ପଶ୍ଚିମ ଆକାଶେ
ଗୋଧୂଳି ଗଲାଣି ହଜି
ଜହ୍ନ ତାରା ଗଣେ ରାତ୍ରି
ଗଲାଣି ତ ମଜି
ଦିଗ ତ ନିଶୂନ୍
କିଏ ସେହି ଭାଗ୍ୟ ବାନ୍
ଦେଖିବ ସେ କାଲିକାର
ନବ ସୂର୍ଯ୍ୟୋଦୟ... ।୧।

ଧନୀ-ଗରିବ, ଜାତି-ଅଜାତି
ସମସ୍ତେ ନିଦ୍ରିତ
ନିଦ୍ରାର ତ ନାହିଁ ପାତର ଅନ୍ତର
ନିୟୁକ୍ଲିୟର କେବେ ତ ବୁଝିବ ନାହିଁ
କିଏ ଧନୀ କିଏ ସେ ଗରିବ
ସର୍ବେ ଆଜି ନୀରବ -ନିଷ୍ପନ୍ଦ
ସତେ ଯେପରି କାଳର କୁହୁକ
ସର୍ବେ ଆଜି କାଳର ଅଧୀନ
ଅସ୍ତଗାମୀ ସୂର୍ଯ୍ୟପରି ଏ ଜୀବ ଜଗତ
କିଏ ସେହି କାଗ୍ୟବାନ
ଦେଖିବ ସେ କାଲିକାର
ନବ ସୂର୍ଯ୍ୟୋଦୟ ... ।୨।

ଧ୍ୱନି ଆଜି ଦିଏ ପ୍ରତିଧ୍ୱନି
ଜ୍ଞାନ ଆଜି ହୋଇଛି ଅଜ୍ଞାନ
କାଳ ସାଜେ ମହାକାଳ
ଦେଖି ଜୀବ ପ୍ରତିକୂଳ
ଅସ୍ତଗାମୀ ସୂର୍ଯ୍ୟପରି ସର୍ବେ ଆଜି
ନିରବ ନିଷ୍ପନ୍ଦ
କେ କରିବ ସମାଧାନ
ସର୍ବେ ତ କାଳର ଅଧୀନ
କିଏ ସେହି ଭାଗ୍ୟବାନ
ଦେଖିବ ସେ କାଲିକାର
ନବ ସୂର୍ଯ୍ୟୋଦୟ ।୩।

## ସଂପାଦକଙ୍କୁ ଚିଠି

### ପଲି-ଟକ୍




ମହାଶୟ,

ପ୍ରତିବର୍ଷ ମଣିଷ 'ବିଶ୍ୱ ପରିବେଶ ଦିବସ' ପାଳନ କରେ, ଏକ ସବୁଜ ଏବଂ ସ୍ୱଚ୍ଛ ପୃଥିବୀ ପାଇଁ ପ୍ରତିଜ୍ଞା ନେଇ। କିନ୍ତୁ ଯେଉଁ ଶିକ୍ଷିତ ଲୋକମାନେ ବିଶାଳ ଶକ୍ତି କେନ୍ଦ୍ରକୁ ଧ୍ୱଂସ କରିପାରିବେ, ସଭ୍ୟତାକୁ ଧ୍ୱଂସ କରିବା ପାଇଁ ବିନାଶକାରୀ ଅସ୍ତ୍ର ତିଆରି କରିପାରିବେ, ସେମାନେ ଆମ ପୃଥିବୀରୁ ପଲିଥିନ୍‌କୁ ନଷ୍ଟ କରିପାରିବେ ନାହିଁ ? ? ଅଥଚ ସ୍ଥାନୀୟ ସହରାଞ୍ଚଳ ସଂସ୍ଥାଗୁଡ଼ିକ ଛୋଟ ମାଇକ୍ରନ୍ ପଲି ବ୍ୟାଗ ମାଧ୍ୟମରେ ବିକ୍ରୟ କରୁଥିବା ଗରିବ ଛୋଟ ବିକ୍ରେତା (ଗରିବ ମାଇପ)ଙ୍କ ଉପରେ ଜରିମାନା ଲଗାଇ ତାଙ୍କୁ ତଳିତଳାନ୍ତ କରିଦିଅନ୍ତି। ଆମର ଶିକ୍ଷିତ ଲୋକମାନେ ମଲରେ ବ୍ୟାଗ ପାଇଁ ୫ଟଙ୍କା ଦିଅନ୍ତି, କିନ୍ତୁ ଛୋଟ ବିକ୍ରେତାଙ୍କଠାରୁ ମାଗଣାରେ ପଲି ବ୍ୟାଗ ନିଅନ୍ତି। ଏହି ଛୋଟ ବିକ୍ରେତାମାନଙ୍କର ସଂଘ ଥିଲେ ମଧ୍ୟ ସେମାନେ ମିଳିତ ନୁହଁନ୍ତି। ବିଏମସିକୁ ମୋର ନିବେଦନ-ବିଏମସି ସମସ୍ତ ଏପରି ସଂଘଗୁଡ଼ିକୁ ସୂଚନା ପ୍ରଦାନ କରୁ ଯେ ସେମାନେ ସେମାନଙ୍କର ସଦସ୍ୟ-ବିକ୍ରେତାମାନଙ୍କୁ ସେମାନଙ୍କ ଦୋକାନ ଭିତରେ କୌଣସି ପଲିଥିନ୍ ନ ରଖିବାକୁ ଜଣାଇବେ। ଏହା ସମସ୍ତ ଦୋକାନରେ ୧୦୦% ପ୍ରଯୁଜ୍ୟ ହେବା ଉଚିତ ଏବଂ ଏହା ପରେ ବିଏମସିର ନିର୍ଦ୍ଦେଶନାମା ପରେ ସେମାନଙ୍କ ନିଜସ୍ୱ ସଂଘର ନିର୍ଦ୍ଦେଶନାମା ଆସିବା ଉଚିତ।

ଏହା ଆମର ପଲିଥିନ୍-ଲୋଭୀ-ଶିକ୍ଷିତ କ୍ରେତାମାନଙ୍କୁ ହାତରେ ବ୍ୟାଗ ଧରି ବଜାରକୁ ଆସିବାକୁ ବାଧ୍ୟ କରିବ।

ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ
ରିଟାୟାର୍ଡ ଆଇଏଏସ, ନିଳାଦ୍ରୀବିହାର, ଭୁବନେଶ୍ୱର

# ଶ୍ରୀମନ୍ଦିରରେ ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜନ୍ମ



ପ୍ରସନ୍ନ କୁମାର ମିଶ୍ର
୩୮, ଶ୍ରୀକ୍ଷେତ୍ର କଲୋନୀ, ପୁରୀ-୨
ମୋ. - ୮୦୧୮୮୭୫୩୩୫

ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ପରମ ଭକ୍ତ ମହାବୀର ଶ୍ରୀହନୁମାନ ଅଜର ଓ ଅମର। ହନୁମାନ ଭଜନ ଦ୍ୱାରା ଅନ୍ତ କାଳରେ ଅନନ୍ତ ମିଳନ୍ତି ବୋଲି କୁହାଯାଏ। ଓଡ଼ିଆ ପାଞ୍ଜି ଅନୁସାରେ ଶ୍ରୀମନ୍ଦିର ଶ୍ରୀକ୍ଷେତ୍ର ସମେତ ସମଗ୍ର ଓଡ଼ିଶାରେ ହନୁମାନ ଜନ୍ମୋତ୍ସବ, ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତିରେ ପାଳିତ ହୋଇଥାଏ। ଓଡ଼ିଆ ପାଞ୍ଜି ପ୍ରଥମେ ଦୋଳପୂର୍ଣ୍ଣିମାରେ ଶ୍ରୀମଦନମୋହନ ଦେବଙ୍କ ନିକଟରେ ପାଠ କରାଯାଇଥିବା ବେଳେ ପଣା ସଂକ୍ରାନ୍ତି ଦିନ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସମ୍ମୁଖରେ ନୂଆପାଞ୍ଜି ପଠନ କରାଯାଇ ଏହାର ପ୍ରଚଳନ ପାଇଁ ଆଜ୍ଞାଲାଭ କରାଯାଇଥାଏ। ଓଡ଼ିଆ ପାଞ୍ଜି ଅନୁସାରେ ବିଷୁବ ସଂକ୍ରାନ୍ତି ହେଉଛି ଶ୍ରୀହନୁମାନଙ୍କ ଜନ୍ମ ଦିବସ ଓ ଉତ୍କଳରେ ନବବର୍ଷ।

ସୌର ଗଣନା ଅନୁଯାୟୀ ସୂର୍ଯ୍ୟ ଗୋଟିଏ ରାଶିରେ ଏକମାସ ଅବସ୍ଥାନ କରି ଅନ୍ୟ ରାଶିକୁ ଗମନ କରିଥାଆନ୍ତି । ଅନ୍ୟ ରାଶିରେ ଗମନକୁ ମାସର ପ୍ରଥମ ଦିନ ବା ସଂକ୍ରାନ୍ତି କୁହାଯାଏ । ମକର ସଂକ୍ରାନ୍ତିଠାରୁ ସୂର୍ଯ୍ୟ କ୍ରମଶଃ ବିଷୁବ ରେଖା ଆଡକୁ ଗତ କରୁଥିବାରୁ ଭାରତରେ ସୂର୍ଯ୍ୟ କିରଣ ପ୍ରଖର ହୋଇଥାଏ । ବିଷୁବ ସଂକ୍ରାନ୍ତି ଦିନ ଓଡିଆ ନବବର୍ଷ ଆରମ୍ଭ ହେଉଥିବାରୁ ଓଡିଆ ପରିବାରରେ ମନ୍ଦିରରେ ସ୍ୱତନ୍ତ୍ର ପୂଜା, ହୋମ, ଭୋଗରାଗ ଓ ପଣାଭୋଗ ହୋଇଥାଏ। ଏଥିପାଇଁ ଏହାକୁ ପଣାସଂକ୍ରାନ୍ତି ମଧ୍ୟ କୁହାଯାଏ । ପ୍ରତିଟି ଘରେ ପୂଜିତ ତୁଳସୀ ବୃକ୍ଷକୁ ଖରା ଦାଉରୁ ରକ୍ଷା କରିବା ପାଇଁ ଛାମୁଣ୍ଡିଆ କରାଯାଇ ଛିଦ୍ରଯୁକ୍ତ ଘଡିଦ୍ୱାରା ଜଳଦାନ କରାଯାଏ ।

ଏହିଦିନ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କୁ ଛତୁଆ ଓ ପଣା ଭୋଗ ଲାଗି ହୋଇଥାଏ। ସକାଳ ଧୂପ ପରେ ଶ୍ରୀହନୁମାନଙ୍କ ଚଳନ୍ତି ପ୍ରତିମା ବିମାନରେ ବିଜେ କରିବା ପରେ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି (ଜନ୍ମୋତ୍ସବ ପାଳନ ପାଇଁ ଅନୁମତି/ଆଦେଶ) ପୂଜାପଣ୍ଡା ସେବକ ଶ୍ରୀମନ୍ଦିରର ଚାରି ଦ୍ୱାରରେ ଥିବା ମହାବୀର ଓ ଦକ୍ଷିଣଦ୍ୱାର ବାହାର ବେଢ଼ାରେ ଥିବା ବାରଭାଇ ହନୁମାନଙ୍କୁ ଆଜ୍ଞାମାଳ ଲାଗି କରିବା ପରେ ହନୁମାନଙ୍କ ବିଜେ ପ୍ରତିମା ଥିବା ବିମାନକୁ ଶ୍ରୀମନ୍ଦିରରୁ ବାହାର କରାଯାଇ ଘଂଟ, ଛତା, କାହାଳୀ ପଟୁଆରରେ ଜଗନ୍ନାଥ ବଲ୍ଲଭକୁ ଏବଂ ସେଠାରୁ ଦରିଆ ମହାବୀର ଯାଇ ତାଙ୍କୁ ଲାଗି କରାଯାଏ। ଶ୍ରୀଜଗନ୍ନାଥ ବଲ୍ଲଭ ଠାରେ ଶ୍ରୀ ହନୁମାନଙ୍କୁ ବିଶେଷ ଭୋଗ ଓ ବନ୍ଦାପନା ପରେ ବିମାନ ଶ୍ରୀମନ୍ଦିର ବାହୁଡ଼ି ଯାଏ। ଶ୍ରୀମନ୍ଦିରରେ ଥିବା ହନୁମାନ ମନ୍ଦିର ଗୁଡ଼ିକରେ ମଧ ଜନ୍ମୋତ୍ସବ ପାଳନ କରାଯାଇଥାଏ। ଏଗୁଡ଼ିକ ହେଲା - ମନ୍ଦିର ଶିଖରରେ ଥିବା ସୂର୍ଯ୍ୟ ହନୁମାନ, ଚାରି ଦ୍ୱାରର ରକ୍ଷକ ଯଥା ସିଂହଦ୍ୱାର ଗୁମୁଟରେ ଫତେ ମହାବୀର ହନୁମାନ, ଦକ୍ଷିଣଦ୍ୱାର ବାହାର ବେଢ଼ାର ବାରଭାଇ ହନୁମାନ, ପଶ୍ଚିମ ଦ୍ୱାରରେ ବିରବିକ୍ରମ ହନୁମାନ ବା କାନପତା ହନୁମାନ, ଉତ୍ତର ଦ୍ୱାରରେ ଅଷ୍ଟଭୁଜ ବା ତପସ୍ୱୀ ହନୁମାନ, ନୀଳାଚଳ ଉପବନରେ ଥିବା ପଞ୍ଚମୁଖୀ ହନୁମାନ, ଆନନ୍ଦ ବଜାରରେ ଷୋଳମୂର୍ତ୍ତି ହନୁମାନ, ରୋଷଘରେ ହନୁମାନ, ନାଟମଣ୍ଡପ ସ୍ତମ୍ଭରେ ପାଞ୍ଚମୂର୍ତ୍ତି ହନୁମାନ, ସରଘରେ ହନୁମାନ ଆଦି ଶ୍ରୀମନ୍ଦିରରର ବିଭିନ୍ନ ସ୍ଥାନରେ ସୁରକ୍ଷା ପାଇଁ ଶତାଧିକ ହନୁମାନ ପୂଜିତ ହୋଇଥାନ୍ତି। ବିଷୁବ ସଂକ୍ରାନ୍ତି ଦିନ ସମସ୍ତ ବିଗ୍ରହମାନଙ୍କ ନିକଟରେ ବିଶେଷ ପୂଜାର୍ଚ୍ଚନା ହୋଇଥାଏ। ଏହା ବ୍ୟତୀତ ଶ୍ରୀକ୍ଷେତ୍ରରେ ଥିବା ବିଭିନ୍ନ ଜାଗା ଆଖେଡ଼ା ମାନଙ୍କରେ ହନୁମାନ ପୂଜା ହୋଇଥାଏ।

ଶାସ୍ତ୍ର ଅନୁଯାୟୀ ପୁରୁଷୋତ୍ତମ କ୍ଷେତ୍ରକୁ ଅଷ୍ଟକିଳା, ଅଷ୍ଟଶକ୍ତି, ଅଷ୍ଟଶମ୍ଭୁ ଏବଂ ଅଷ୍ଟ ମହାବୀର ରକ୍ଷା କରିଥାଆନ୍ତି। ଏମାନେ ହେଲେ ସିଦ୍ଧ ମହାବୀର, ଦରିଆ ମହାବୀର, ମକରଧ୍ୱଜ ମହାବୀର, ପଞ୍ଚମୁଖୀ ମହାବୀର, ସୁଡ଼ଙ୍ଗ ମହାବୀର, ଶିରୁଳୀ ମହାବୀର, ମଶାଣି ମହାବୀର ଓ ବର୍ଗୀ ମହାବୀର। ସର୍ବଧର୍ମ ସମନ୍ୱୟର କ୍ଷେତ୍ର ଶ୍ରୀକ୍ଷେତ୍ରରେ ହନୁମାନ ବା ମହାବୀର ଉପାସନା ବହୁ ପ୍ରାଚୀନ। ତୁଳସୀ ଦାସଙ୍କ ଶ୍ରୀକ୍ଷେତ୍ର ଆଗମନ ଫଳରେ ଶ୍ରୀକ୍ଷେତ୍ର ବିଭିନ୍ନ ଅଞ୍ଚଳରେ ଏବଂ ଶ୍ରୀମନ୍ଦିରରେ ଶ୍ରୀରାମଚନ୍ଦ୍ରଙ୍କ ଉପାସନା ସହିତ ମହାବୀର ହନୁମାନଙ୍କ ଉପାସନା ବିସ୍ତାର ଲାଭ କରିଥିଲା। ସେହି ସମୟରୁ ଶ୍ରୀମନ୍ଦିର ଭିତରେ ବହୁ ସଂଖ୍ୟକ ହନୁମାନ ବିଗ୍ରହ ପ୍ରତିଷ୍ଠା ହେବା ସହିତ ଶ୍ରୀକ୍ଷେତ୍ରରେ ହନୁମାନ ମନ୍ଦିର ସ୍ଥାପିତ ହୋଇ ହନୁମାନ ଉପାସନା ପ୍ରସିଦ୍ଧିଲାଭ କରିଛି।

ରାମାୟଣର ବର୍ଣ୍ଣନା ଅନୁଯାୟୀ ରାମଭକ୍ତ ହନୁମାନ କେବଳ 'ମହାବୀର' ନ ଥିଲେ, ଜଣେ ମହାଦାନୀ, ମହାଜ୍ଞାନୀ ଓ ଶ୍ରେଷ୍ଠ ତାନ୍ତ୍ରିକ ମଧ୍ୟ ଥିଲେ । ତାଙ୍କର ବୁଦ୍ଧିଚାତୁର୍ଯ୍ୟ ସଂବନ୍ଧରେ ଛୋଟିଆ ଘଟଣାଟିଏ। ସେତୁବନ୍ଧ ବନ୍ଧାହବା ପରେ ରାମ ରାବଣ ଯୁଦ୍ଧ ଚାଲିଥାଏ । ଯୁଦ୍ଧରେ ରାବଣର ଅନେକ ଯୋଦ୍ଧା ଓ ଅସଂଖ୍ୟ ସୈନ୍ୟ ମରୁଥାନ୍ତି । ରାବଣର ସୈନ୍ୟବଳ କ୍ରମଶଃ ହ୍ରାସ ହୋଇ ଚାଲିଥାଏ । ପରାଜୟ ଆଶଙ୍କରେ କ୍ରମଶଃ ନିରାଶ ଓ ହତାଶ ଭାବ ରାବଣକୁ ଚାରିଆଡୁ ଘେରି ଚାଲିଥିଲେହେଁ ନିଜର ଗର୍ବ ଓ ଅଭିମାନ କାରଣରୁ ସେ କିନ୍ତୁ ଶେଷ ପର୍ଯ୍ୟନ୍ତ ବିଜୟର ଆଶା ରଖିଥାଏ । ଶେଷରେ ନିଶ୍ଚିତ ବିଜୟ ଲାଗି 'ସମ୍ପୁଟିତ' (ଫରୁଆର ଦୁଇଫାଳ ଯୋଡି ହୋଇଥିବା ପରି ପରସ୍ପର ସଂଯୁକ୍ତ)ମନ୍ତ୍ର ସାହାଯ୍ୟରେ 'ଚଣ୍ଡି ମହାଯଜ୍ଞ' କରିବା ପାଇଁ ରାବଣ ସ୍ଥିର କଲା। ଏହି ଯଜ୍ଞ ସଫଳ ହେଲେ ଦେବୀ ପ୍ରସନ୍ନ ହୋଇ କର୍ତ୍ତାଙ୍କୁ ଆଶୀର୍ବାଦ କଲେ କର୍ତ୍ତା (ରାବଣ) ଅଜେୟ ହୋଇଯିବ ଏହି ଉଦ୍ଦେଶ୍ୟରେ ରାବଣ ରାଜ୍ୟର ସାତଜଣ ବଛା ବଛା ଷ୍ଟୋତ୍ରୀୟ ବ୍ରାହ୍ମଣଙ୍କୁ ଡକାଇ ଏହି ଯଜ୍ଞ ଅନୁଷ୍ଠାନ ଆରମ୍ଭ କରିବା ଲାଗି ନିର୍ଦ୍ଦେଶ ଦେଲେ। ବ୍ରାହ୍ମଣମାନେ ଯଜ୍ଞ ଆୟୋଜନରେ ଲାଗିଥିଲା ବେଳେ ଗୁପ୍ତଚର ଜରିଆରେ ଏହି ଖବର ପାଇ ହନୁମାନ ଚିନ୍ତିତ ହୋଇପଡିଲେ। ସେ ଭାବିଲେ ଯଜ୍ଞ ସଫଳ ହେଲେ ରାବଣ ଅଜୟ ହୋଇଯିବ ଓ ମାତା ସୀତା ଉଦ୍ଧାର ପାଇବେ କିପରି ? ପ୍ରଭୁ ରାମଚନ୍ଦ୍ରଙ୍କ ଅବସ୍ଥା କ'ଣ ହେବ। କେତେକ କହିନ୍ତି ରାବଣର ଏହି ଯଜ୍ଞକୁ ଭଙ୍ଗ କରିବା ଉଦ୍ଦେଶ୍ୟରେ ହନୁମାନ ଲଙ୍କା ଗଡରେ ପ୍ରବେଶକରି ଯଜ୍ଞସ୍ଥଳୀକୁ ଭାଙ୍ଗି ଧ୍ୱସ କରିଦେଇଥିଲେ ଓ ଯଜ୍ଞକୁଣ୍ଡରେ ପରିଶ୍ରାକରି ତାହାକୁ ଅପବିତ୍ର କରିଦେଇଥିଲେ । ଏହା ସଂପୂର୍ଣ୍ଣ ମିଥ୍ୟା । ଏପରି କରିଥିଲେ ହନୁମାନ ଯାଜ୍ଞିକ ବ୍ରାହ୍ମଣ ମାନଙ୍କର ଅଭିଶାପରେ ନିଜେ ଧ୍ୱଂସ ପାଇ ଯାଇଥାନ୍ତେ । ମହାଜ୍ଞାନୀ ହନୁମାନ ଶେଷକୁ ମନେ ମନେ କିଛି ଉପାୟ ଚିନ୍ତାକରି କାହାକୁ କିଛି ନକହି ଜଣେ ବ୍ରାହ୍ମଣ ବେଶ ଧରି ଲଙ୍କାଗଡରେ ପ୍ରବେଶ କଲେ। ଯଜ୍ଞସ୍ଥଳରେ ପହଞ୍ଚି ପୁଣ୍ୟ ଅର୍ଜନ ଉଦ୍ଦେଶ୍ୟରେ ସେମାନଙ୍କ ନିକଟରେ ରହି 'ସେବା' କରିବା ପାଇଁ ଅନୁମତି ଦେବାକୁ ବ୍ରାହ୍ମଣମାନଙ୍କୁ ନିବେଦନ କଲେ । ହନୁମାନଙ୍କ ବିନମ୍ର ଭାବ ଦେଖି ଖୁସିରେ ସେମାନେ ରାଜି ହୋଇଗଲେ। ସେହି ମୁହୂର୍ତ୍ତରୁ ହନୁମାନ ସେମାନଙ୍କ ପାଖେ ପାଖେ ରହି ଅତି ନିଷ୍ଠା ଓ ନିଷ୍କାମ ସେବା କରିବାରେ ଲାଗିଲେ। ଯଜ୍ଞ ଆରମ୍ଭ ହେଲା। ହନୁମାନଙ୍କ ସେବାରେ ସନ୍ତୁଷ୍ଟ ହୋଇ ବ୍ରାହ୍ମଣମାନେ ତାଙ୍କୁ ବର ମାଗିବା ପାଇଁ କହିଲେ । ଚତୁର ହନୁମାନ ପ୍ରଥମେ ପ୍ରଥମେ କିଛି ମାଗିବାକୁ ସିଧାସଳଖ ମନା କରିଦେଲେ । ବାରମ୍ବାର ମନା କରିବା ସତ୍ତ୍ୱେ ସେମାନେ ବର ମାଗିନେବା ନିମନ୍ତେ ଜିଦ୍ କରିବାରୁ ବିନୀତ ଭାବେ ହନୁମାନ କହିଲେ ମହାଭାଗ, ମୋର ଗୋଟିଏ ପ୍ରାର୍ଥନା ଆପଣମାନେ ପଢୁଥିବା ଷ୍ଟୋତ୍ରର ଗୋଟିଏ ମାତ୍ର ଅକ୍ଷର ପରିବର୍ତ୍ତନ କରି ପଢନ୍ତୁ । ମୂଳମନ୍ତ୍ରର ପ୍ରଥମ ଶ୍ଳୋକ ହେଉଛି 'ଜୟ ତ୍ୱଂ ଚାମୁଣ୍ଡେ ଜୟ ଭୂତର୍ତ୍ତୀହାରିଣୀ' । ମୋର ଅନୁରୋଧ ଆପଣମାନେ ଏହି ମନ୍ତ୍ରର ଗୋଟିଏ ଶବ୍ଦ 'ଭୂତର୍ତ୍ତୀହାରିଣୀ' ପରିବର୍ତ୍ତେ 'ଭୂତର୍ତ୍ତୀକାରିଣୀ' ପଢନ୍ତୁ । ହନୁମାନଙ୍କ ସେବାରେ ଗଦ୍ ଗଦ୍ ବ୍ରାହ୍ମଣମାନେ ଆଗପଛ କିଛି ନ ବିଚାରି ତାଙ୍କର ଅନୁରୋଧ ସ୍ୱୀକାର କରିନେଲେ। ଏହିଠାରେ ହିଁ ସବୁକିଛି ଓଲଟ ପାଲଟ ହୋଇଗଲା । ମୂଳଶ୍ଳୋକ ଭୂତର୍ତ୍ତୀହାରିଣୀ'ର ଅର୍ଥ ହେଲା ସମଗ୍ର ପ୍ରାଣୀଜଗତର 'ପୀଡାହାରିଣୀ' । ମାତ୍ର ପରିବର୍ତ୍ତିତ ମନ୍ତ୍ର ହେଲା ଭୂତର୍ତ୍ତୀକାରିଣୀ । ଅର୍ଥାତ 'ପୀଡାକାରିଣୀ' ଅଥବା ପ୍ରାଣୀଜଗତକୁ ପୀଡା ଦେଉଥିବା ଶକ୍ତି । ଏହି ଗୋଟିଏ ମାତ୍ର ଅକ୍ଷର ପରିବର୍ତ୍ତନରେ ଯଜ୍ଞ ନଷ୍ଟ ହୋଇଗଲା। ପ୍ରସନ୍ନ ହେବା ପରିବର୍ତ୍ତେ ଦେବୀ ରୁଷ୍ଟ ହେଲେ ଏବଂ ରାବଣ ସବଂଶେ ଧ୍ୱସ ପାଇଗଲା ।

# ଡ଼ଃ ଭୀମରାଓ ରାମଜୀ ଆମ୍ବେଦକର: ଅପମାନର ଅନ୍ଧକାରରୁ ସମାନତାର ଦୀପଶିଖା ପର୍ଯ୍ୟନ୍ତ



ଅର୍ଚ୍ଚିତା ଦାଶ
ଜଗନ୍ନାଥ ବିହାର, ନୂଆଗାଁ

ଭାରତର ଆଧୁନିକ ଇତିହାସରେ କେତେକ ଏମିତି ମହାନ ବ୍ୟକ୍ତିତ୍ୱ ଅଛନ୍ତି, ଯେଉଁମାନେ କେବଳ ନିଜ ଜୀବନକୁ ମହାନ କରିନାହାନ୍ତି, ବରଂ ଏକ ସମ୍ପୂର୍ଣ୍ଣ ଜାତିର ଭାଗ୍ୟକୁ ନୂତନ ଦିଗ ଦେଇଛନ୍ତି। ଡ଼ଃ ଭୀମରାଓ ରାମଜୀ ଆମ୍ବେଦକର ସେହିପରି ଏକ ଅଦ୍ୱିତୀୟ ନାମ- ଯିଏ ଅନ୍ୟାୟ, ଅସମାନତା ଓ ଅପମାନର ଭିତ୍ତିକୁ ଚୂର୍ମାର କରି ସମାନତା, ନ୍ୟାୟ ଓ ମାନବ ମର୍ଯ୍ୟାଦାର ଏକ ନୂତନ ଯୁଗର ସୃଷ୍ଟି କରିଥିଲେ। ସେ ଏକ ଏମିତି ସମାଜରେ ଜନ୍ମ ନେଇଥିଲେ, ଯେଉଁଠାରେ ମଣିଷର ମୂଲ୍ୟ ତାଙ୍କର ପ୍ରତିଭା ବା ପରିଶ୍ରମରେ ନୁହେଁ, ବରଂ ତାଙ୍କର ଜନ୍ମରେ ନିର୍ଣ୍ଣୟ ହୁଏ। ଶିଶୁକାଳରୁ ହିଁ ସେ "ଅଛୁତ" ବୋଲି ଚିହ୍ନିତ ହୋଇ ଅସଂଖ୍ୟ ଅପମାନ ସହିଥିଲେ। ବିଦ୍ୟାଳୟରେ ସେ ଅନ୍ୟ ଛାତ୍ରମାନଙ୍କ ସହିତ ବସିପାରୁନଥିଲେ; ନିଜ ସହ ନେଇଥିବା ପଟି ଉପରେ ବସିବାକୁ ପଡୁଥିଲା। ଏହା କେବଳ ଏକ ସାଧାରଣ ନିଷେଧ ନଥିଲା-ଏହା ଥିଲା ସମାଜର ଅମାନବିକ ମନୋଭାବର ପ୍ରତିଫଳନ।

କିନ୍ତୁ ତାଙ୍କ ଜୀବନର ସବୁଠାରୁ ହୃଦୟବିଦାରକ ଅନୁଭୂତି ଥିଲା ପାଣି ପିଇବାର ଅଧିକାରରୁ ବଞ୍ଚିତ ହେବା। ତୃଷ୍ଣାରେ କ୍ଳାନ୍ତ ହୋଇଥିବା ସତ୍ତ୍ୱେ ସେ ନିଜେ ପାଣି ଛୁଇଁପାରୁନଥିଲେ। ଏକ ଶିକ୍ଷକ ବା ପିଅନ ଯଦି ଦୟା କରିଥାନ୍ତି, ତେବେ ଉପରୁ ପାଣି ଢାଳି ଦିଆଯାଉଥିଲା; ନହେଲେ ସେ ଶୋଷରେ ଦିନ କାଟୁଥିଲେ। ଏହି ଘଟଣା କେବଳ ଏକ ଶିଶୁର ତୃଷ୍ଣାକୁ ନୁହେଁ, ଏକ ସମାଜର ନିଷ୍ଠୁରତାକୁ ପ୍ରକାଶ କରେ। ଏମିତି ଅନୁଭୂତି ଯେକୌଣସି ମନକୁ ଭାଙ୍ଗିଦେଇପାରେ, କିନ୍ତୁ ଆମ୍ବେଦକରଙ୍କ ପାଇଁ ଏହା ହେଲା ଏକ ସଂଘର୍ଷର ଶୁଭାରମ୍ଭ।

ସେ ବୁଝିଥିଲେ ଯେ ଶିକ୍ଷା ହେଉଛି ମୁକ୍ତିର ଏକମାତ୍ର ପଥ। ଅସଂଖ୍ୟ ବାଧା ଓ ଅବମାନନାର ମଧ୍ୟରେ ସେ ନିଜ ଅଧ୍ୟୟନ ଜାରି ରଖିଲେ। ତାଙ୍କର ଅକ୍ଳାନ୍ତ ପରିଶ୍ରମ ଓ ଅସାଧାରଣ ପ୍ରତିଭା ତାଙ୍କୁ ବିଶ୍ୱର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନରେ ପହଞ୍ଚାଇଲା। ସେ ଉଚ୍ଚ ଶିକ୍ଷା ଅର୍ଜନ କରି ନିଜ ପ୍ରତିଭାରେ ସମସ୍ତ ବାଧାକୁ ଅତିକ୍ରମ କଲେ। କିନ୍ତୁ ତାଙ୍କ ଜୀବନର ଲକ୍ଷ୍ୟ କେବଳ ବ୍ୟକ୍ତିଗତ ସଫଳତା ନଥିଲା। ସେ ନିଜ ଜୀବନକୁ ଅବହେଳିତ ଓ ପୀଡ଼ିତମାନଙ୍କ ଅଧିକାର ପାଇଁ ଉତ୍ସର୍ଗ କରିଥିଲେ। ସେ ସମାଜରେ ରହିଥିବା ଅନ୍ୟାୟକୁ ସମାପ୍ତ କରିବାକୁ ଅନେକ ଆନ୍ଦୋଳନ କଲେ, ସଚେତନତା ସୃଷ୍ଟି କଲେ ଏବଂ ଲୋକମାନଙ୍କୁ ନ୍ୟାୟ ପାଇଁ ଲଢ଼ିବାର ପ୍ରେରଣା ଦେଲେ। ସ୍ୱାଧୀନତା ପରେ ଭାରତର ସମ୍ବିଧାନ ନିର୍ମାଣରେ ତାଙ୍କର ଅବଦାନ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ସେ ଭାରତର ସମ୍ବିଧାନ ରଚନାର ମୁଖ୍ୟ ସ୍ଥପତି ଭାବେ ଦାୟିତ୍ୱ ଗ୍ରହଣ କଲେ। ତାଙ୍କ ଦୃଷ୍ଟିକୋଣ କେବଳ ଆଇନ ରଚନା ପର୍ଯ୍ୟନ୍ତ ସୀମିତ ନଥିଲା; ସେ ଏକ ଏମିତି ସମାଜ ଗଢ଼ିବାକୁ ଚାହୁଁଥିଲେ, ଯେଉଁଠାରେ ପ୍ରତ୍ୟେକ ମଣିଷ ସମାନ ଅଧିକାର ଓ ମର୍ଯ୍ୟାଦା ପାଇବ। ଭାରତର ସମ୍ବିଧାନ ତାଙ୍କର ଦୃଷ୍ଟିର ପ୍ରତିବିମ୍ବ। ଏହା ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭାଇଚାରାର ମୂଳ ମୂଲ୍ୟବୋଧକୁ ସ୍ଥାପନ କରେ। ଏହା ଜାତିଭେଦକୁ ଅସ୍ୱୀକାର କରେ, ଅଛୁତ ପ୍ରଥାକୁ ନିଷେଧ କରେ ଏବଂ ପ୍ରତ୍ୟେକ ନାଗରିକଙ୍କୁ ମୂଳ ଅଧିକାର ଦେଇଥାଏ। ଏହା ଦେଶର ପ୍ରତ୍ୟେକ ଲୋକଙ୍କୁ ମର୍ଯ୍ୟାଦା ସହିତ ଜୀବନ ଜୀବନ୍ତ କରିବାର ଅଧିକାର ଦେଇଥାଏ। ଡ଼ଃ ଆମ୍ବେଦକରଙ୍କ ଜୀବନ ଆମକୁ ଏକ ଗଭୀର ସନ୍ଦେଶ ଦେଇଥାଏ— ସଂଘର୍ଷ କେବେ ବିଫଳ ହୁଏନାହିଁ, ଯଦି ସେଥିରେ ନ୍ୟାୟର ପକ୍ଷରେ ଦୃଢ଼ ସଂକଳ୍ପ ରହେ। ଯେଉଁ ଶିଶୁକୁ ଏକ ଦିନ ପାଣି ପିଇବାକୁ ମଧ୍ୟ ଅନୁମତି ମିଳୁନଥିଲା, ସେହି ବ୍ୟକ୍ତି ଦିନେ ସମଗ୍ର ଦେଶକୁ ସମାନତା ଓ ମର୍ଯ୍ୟାଦାର ଅଧିକାର ଦେଇଥିଲେ। ସେ କେବଳ ଏକ ବ୍ୟକ୍ତି ନୁହେଁ—ସେ ଏକ ଚେତନା, ଏକ ପ୍ରେରଣା ଓ ଏକ ଅମର ଆଦର୍ଶ। ତାଙ୍କର ଚିନ୍ତାଧାରା ଓ ତ୍ୟାଗ ସଦା ସର୍ବଦା ଭାରତକୁ ନ୍ୟାୟ, ସମାନତା ଓ ମାନବତାର ପଥରେ ଆଗେଇ ନେଇଯିବ।

# 'ଓଡ଼ିଆ ନବବର୍ଷ'-ଆମ ଅସ୍ମିତାର ପର୍ବ



ଡକ୍ଟର ଅଜୟ କୁମାର ନନ୍ଦ
(ସହକାରୀ ପ୍ରାଧ୍ୟାପକ ଓ ଉପବିତ୍ତ ଅଧିକାରୀ)
କିସ୍ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର

ଆମେ ଓଡ଼ିଆ ଭାରି ବଢ଼ିଆ, ଏହା କେବଳ ମୋର ବ୍ୟକ୍ତିଗତ ମତ ନୁହେଁ, ଏହା ହେଉଛି ସାଢେ ଚାରିକୋଟି ଓଡିଆଙ୍କ ହୃଦୟର ଭାବନା। ଓଡିଶା ଭାସ୍କର୍ଯ୍ୟ, କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ଆଧ୍ୟାତ୍ମିକ ସରଞ୍ଜନା, ଆମକୁ ବିଶ୍ୱଦରବାରରେ ଏକ ନୂଆ ପରିଚୟ ସୃଷ୍ଟି କରିବାରେ ବିଶେଷ ସହାୟକ ହୋଇଛି, ସେଥିପାଇଁ ଆମେ ଓଡ଼ିଆ ଭାବେ ଗର୍ବିତ । ଆଜି ହେଉଛି "ଓଡ଼ିଆ ନବ ବର୍ଷ" ବା ଓଡ଼ିଆ ଅସ୍ମିତାର ପର୍ବ ତଥା ମହାବିଷୁବ ସଂକ୍ରାନ୍ତି । ଓଡ଼ିଆ ନବବର୍ଷ ସହିତ ଅନେକ ମତବାଦ ଜଡିତ ଅଛି। ଭୌଗୋଳିକ ଦୃଷ୍ଟିକୋଣରୁ ବିଚାର କଲେ, ପୃଥିବୀର ବିଷୁବ ରେଖା ଭାରତ ମଧ୍ୟ ଦେଇ ଯାଇଛି । ବିଷୁବ ମେରୁ ରେଖାରେ ସୂର୍ଯ୍ୟଙ୍କ ଅବସ୍ଥିତି ବା ସଂକ୍ରମଣକୁ ଭାରତୀୟ ଜ୍ୟୋତିଷ ମାନେ ଏହାକୁ ମହାବିଷୁବ ସଂକ୍ରାନ୍ତି ବୋଲି ନାମକରଣ କରିଛନ୍ତି । ସୂର୍ଯ୍ୟ ପୃଥିବୀର କ୍ରାନ୍ତି ପଥରେ ଗତିକୁ ବାର ଭାଗରେ ବିଭକ୍ତ କରାଯାଇଛି ଯାହା ବାରଟି ରାଶିରେ ନାମିତ କରାଯାଇଛି । ସୂର୍ଯ୍ୟ ଗୋଟିଏ ରାଶିରେ ତିରିଶ ଦିନ ବା ଗୋଟିଏ ମାସ ଅବସ୍ଥାନ କରି ଅନ୍ୟ ଏକ ରାଶିକୁ ସଂକ୍ରମଣ କରୁଥିବାରୁ ଏହାକୁ ସଂକ୍ରାନ୍ତି ବୋଲି କୁହାଯାଏ ଏବଂ ଏହା ରାଶିର ନାମ ଅନୁସାରେ ନାମ କରଣ କରାଯାଇଛି । ରାଶିଚକ୍ରରେ ଯେଉଁ ବାର ରାଶିର ସମାହାର, ସେଇ ମଧ୍ୟରୁ ମେଷ ରାଶି ହେଉଛି ଆଦ୍ୟ ବା ପ୍ରଥମ ରାଶି ତଦନୁଯାୟୀ ଏହାକୁ ମଧ୍ୟ ମେଷ ସଂକ୍ରାନ୍ତି ବୋଲି କୁହାଯାଏ । ଅନ୍ୟ ପକ୍ଷରେ ଋତୁଚକ୍ରର ଯେଉଁ ବାର ମାସର ଅବଧି ତନ୍ମଧ୍ୟରୁ ବୈଶାଖ ମାସ ହେଉଛି ଆରମ୍ଭ ମାସ । ବୈଶାଖ ମାସରେ ସୂର୍ଯ୍ୟ ମେଷ ରାଶିରେ ପ୍ରବେଶ କରିବା ଦିନକୁ ନବବର୍ଷ ବୋଲି ଗଣନା କରାଯାଏ । ବର୍ଷରେ ପାଳନ ହେଉଥିବା ବିଭିନ୍ନ ପର୍ବପର୍ବାଣୀ ସହିତ ସମୟକୁ ସଠିକ ମାର୍ଗରେରେ ପରିଚାଳନା କରିବା ପାଇଁ ଜ୍ୟୋତିର୍ବିଦ୍ ମାନେ ଗ୍ରହ, ନକ୍ଷତ୍ରର ଗତିବିଧିକୁ ଅନୁସରଣ କରି ବାର୍ଷିକ ପଞ୍ଜିକା ପ୍ରଚଳନ କରନ୍ତି। ଯେଉଁଥିରେ ପ୍ରତେକ ଦିନର ଶୁଭାଶୁଭ ସମୟ ନିର୍ଘଣ୍ଟ କରିଥାନ୍ତି, ଯାହାକୁ ଆମେ ଅନୁସରଣ କରି ସମସ୍ତ କାର୍ଯ ସମ୍ପାଦାନ କରିଥାଉ । ଉତ୍କଳର ଆରାଧ ଦେବତା ଶ୍ରୀଜଗନ୍ନାଥଙ୍କ ସମସ୍ତ ନୀତିକାନ୍ତି ଏହି ପଞ୍ଜିକା ଅନୁସାରେ ହୋଇଥାଏ । ସେଥିପାଇଁ ଏହିଦିନ ଶ୍ରୀମନ୍ଦିରରେ ନୂତନ ପଞ୍ଜିକା ପ୍ରଚଳନ ବ୍ୟବସ୍ଥା କେଉଁ ଆବାହମାନ କାଳରୁ ହୋଇ ଆସୁଛି, ଯାହା ଏକ ନୂତନ ବର୍ଷ ଆଗମନର ସୂଚନା ଦେଇଥାଏ । ଭାରତୀୟ ସଂସ୍କୃତିରେ ଶାଳଗ୍ରାମ ଓ ନାରାୟଣଙ୍କୁ ଜଳଶାୟୀ କରାଯିବା ବ୍ୟବସ୍ଥା ମଧ୍ୟ ପ୍ରଚଳିତ । ବ୍ରତ, ଉପବାସ ସହିତ ଦାନ, ଧର୍ମ କଲେ ପୁଣ୍ୟ ଫଳ ମିଳେ ବୋଲି ହିନ୍ଦୁ ମାନେ ବିଶ୍ୱାସ କରନ୍ତି । ଏହି ଦିନ ସୂର୍ଯ୍ୟ ଦେବଙ୍କୁ ପୂଜନ କରିବା ଏକ ମାହେନ୍ଦ୍ର ମୁହୂର୍ତ୍ତ ବୋଲି ଅନେକ ମଧ୍ୟ ବିଶ୍ୱାସ କରନ୍ତି । ଉତ୍କଳୀୟ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ବିଭିନ୍ନ ଦେବୀ ପୀଠ ସମେତ ଅନେକ ଶୈବ ପୀଠରେ ଏହି ଦିନ ମେରୁଯାତ୍ରା, ଦଣ୍ଡଯାତ୍ରା, ଝାମୁଯାତ୍ର, ଆଦି ଭିନ୍ନ ନାମରେ ପାଳନ କରାଯାଏ । ଅତ୍ୟନ୍ତ ନିଷ୍ଠା ସହିତ ପାଳନ କରୁଥିବା ମାନସିକ ବ୍ରତଧାରୀମାନେ ଏହି ସଂକ୍ରାନ୍ତିରେ ଜଳନ୍ତା ନିଆଁ ବା କଣ୍ଟା ଉପରେ ଚାଲି ନିଜର ମନସ୍କାମନା ପୂର୍ଣ୍ଣ କରିବା ସହିତ ଜଗତର ମଙ୍ଗଳ କାମନା କରି ଯାତ୍ରାର ପରିସମାପ୍ତି କରିଥାନ୍ତି । ଗ୍ରୀଷ୍ମର ପ୍ରଖରତାକୁ ନଜର ରଖି ଶରୀରରେ ଉତ୍ତାପ ପ୍ରଶମନ ପାଇଁ ପଣା ପିଇବା ବିଧି ପ୍ରଚଳନ କରାଯାଇଛି । ଏଥି ପାଇଁ ଆମେ ସୁସ୍ୱାଦୁ ପଣା ପ୍ରସ୍ତୁତ କରି ପ୍ରଥମେ ଇଷ୍ଟ ଦେବାଦେବୀଙ୍କୁ ଅର୍ପଣ କରି, ପରିବାର ସଦସ୍ୟ ମାନେ ପରସ୍ପରଙ୍କୁ ଆପ୍ୟାୟିତ କରି ଖୁସି ମନାଉ ଥିବାରୁ ଏହାକୁ ପଣାସଂକ୍ରାନ୍ତି ବୋଲି ମଧ୍ୟ କୁହାଯାଏ । ପଣାରେ ବିଶେଷ କରି ପାଚିଲା ବେଲ, ଛେନା, କଦଳୀ, କ୍ଷୀର, ଦହି, ଆଖୁରସ, ଗୋଲମରିଚ, କାଜୁ, କିସମିସ, ଆମ୍ବ ଓ ନଡ଼ିଆ ପ୍ରଭୃତି ମିଶାଇ ସୁସ୍ୱାଦୁ ପଣା ପ୍ରସ୍ତୁତ କରନ୍ତି । ଦିନ ତମାମ ବିଭିନ୍ନ ଜାଗାରେ ନାଚ, ଗୀତ ସମେତ ଦେବା ଦେବୀ ପୀଠ ରେ ବିଭିନ୍ନ ରକମର ପୂଜାର୍ଚନା କରାଯିବା ସହିତ ସନ୍ଧ୍ୟାରେ ଅନେକ ଜାଗାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରି ଖୁସି ମନାନ୍ତି। ଏହି ଅବସରରେ ଓଡ଼ିଆ ମାନେ ଘରେ ଥିବା ତୁଳସୀ ଚଉରା ଉପରେ ପଣା ଠେକି ବା ବସନ୍ତରା ଘଡି ବାନ୍ଧି ସେଥିରେ ଥିବା ରନ୍ଧ୍ରରେ ଏକ କୁଶ ରଖି ଏକ ମାସ ପର୍ଯ୍ୟନ୍ତ ଜଳ ପ୍ରଦାନ କରନ୍ତି। ଓଡ଼ିଶା ସହ ଆସାମ, କେରଳ, ପଞ୍ଜାବ, ପଶ୍ଚିମବଙ୍ଗ, ପ୍ରଭୃତି ରାଜ୍ୟରେ ମଧ୍ୟ ଆଜିର ପ୍ରାରମ୍ଭିକ ମ୍ୟାଚକୁ ଦିନକୁ ନବ ବର୍ଷ ବୋଲି ପାଳନ କରାଯାଏ । ସୌର ଗଣନା ଅନୁଯାୟୀ ମେଷ ସଂକ୍ରାନ୍ତି ଦିନ ସୂର୍ଯ୍ୟଙ୍କ ତେଜିୟାନ କିରଣ ବିଷୁବ ରେଖାରେ ତେର୍ଚ୍ଛା ଭାବରେ ପଡ଼ିଥାଏ। ଏହି ସମୟରେ ପୃଥିବୀର ଅବସ୍ଥିତି ଓ ଭାରତର ଭୌଗୋଳିକ ସ୍ଥିତି ଅନୁସାରେ ସୂର୍ଯ୍ୟକିରଣ ପ୍ରଖରତା ଯୋଗୁ ଚାରିଆଡ଼େ ଗ୍ରୀଷ୍ମପ୍ରବାହ ଅନୁଭୂତ ହୁଏ । ଅନ୍ୟ ଏକ ପୌରାଣିକ ମତବାଦ ଅନୁସାରେ, ମହାଭାରତ ଯୁଦ୍ଧର ଦଶମ ଦିନ କୌରବମାନଙ୍କ ମୁଖ୍ୟ ସେନାପତି ତଥା ଗଙ୍ଗା ପୁତ୍ର ଭୀଷ୍ମ ଶରଶଯ୍ୟାରେ ଥିବାବେଳେ ତୃଷାତୁର ହୋଇ ଅର୍ଜୁନଙ୍କୁ ଜଳ ମାଗିଥିଲେ, କୁନ୍ତୀପୁତ୍ର ଅର୍ଜୁନ ତାଙ୍କ ଗାଣ୍ଡିବ ଦ୍ୱାରା ତତକ୍ଷଣାତ ପୃଥିବୀ ପୃଷ୍ଠରୁ ମାତା ଗଙ୍ଗାଙ୍କୁ ଆବିର୍ଭାବ କରାଇ ତାଙ୍କ ପାଟିକୁ ଜଳଧାର ସୃଷ୍ଟି କରି ତାଙ୍କ ତୃଷା ନିବାରଣ କରିଥିଲେ । ସେ ଦିନ ଥିଲା ମହାବିଷୁବ ସଂକ୍ରାନ୍ତି, ସେଠାରେ ଉପସ୍ଥିତ ଥିବା ଯୁଧିଷ୍ଠିରଙ୍କୁ ଭୀଷ୍ମ କହିଲେ ତୃଷାତୁର ଲୋକଙ୍କୁ ଜଳ ଦାନ କଲେ, ସେ ସମସ୍ତ ପାପତାପରୁ ମୁକ୍ତି ପାଇବା ସହିତ ମହାପୁଣ୍ୟର ଅଧିକାରୀ ହେଇଥାଏ । ସନାତନ ହିନ୍ଦୁ ଧର୍ମ ରେ 'ଦାନ' ର ଅତ୍ୟନ୍ତ ମହତ୍ତ୍ୱ ଦୃଷ୍ଟିରୁ ଏହି ଦିନ ବିଭିନ୍ନ ପ୍ରକାର ଦାନ-ଧର୍ମ କରି ବେଶ୍ ଆମ୍ ତୃପ୍ତି ଲାଭ କରନ୍ତି। ତେଣୁ ଏହି ଦିନ ଅନେକ ବ୍ୟକ୍ତିବିଶେଷ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପ୍ରତ୍ୟେକ ଛକ ଜାଗା, ରାସ୍ତା ଘାଟ ଆଦିରେ ଜଳଛତ୍ର ଖୋଲି, ବାଟରେ ଯାଉଥିବା ବାଟୋଇ ମାନଙ୍କୁ ପଣା ଓ ଦହିପାଣି ବିତରଣ କରିଥାନ୍ତି । ଏହି ସମୟରେ ଗ୍ରୀଷ୍ମପ୍ରବାହର ପ୍ରକୋପ ଥିବାରୁ ଲୋକମାନେ ପଣା ପିଇ ଆନନ୍ଦ ଅନୁଭବ କରନ୍ତି, ସେଥିପାଇଁ ଏହାକୁ ପଣା ସଂକ୍ରାନ୍ତି ବୋଲି କହନ୍ତି । ସୂର୍ଯ୍ୟଙ୍କ ଉତ୍ତରାୟଣ ସମୟ ହେଉଛି ଦେବତା ମାନଙ୍କର ଦିନ ଏବଂ ଦକ୍ଷିଣାୟନ ହେଉଛି ଦେବତା ମାନଙ୍କ ରାତି ବୋଲି ସାଧାରଣରେ ବିଶ୍ୱାସ କରାଯାଏ । ସୂର୍ଯ୍ୟଙ୍କ ଉତ୍ତରାୟଣ କାଳରେ ମନୁଷ୍ୟର ମୃତ୍ୟୁ ହେଲେ ସେ ବୈକୁଣ୍ଠ ପ୍ରାପ୍ତି ହୁଏ, ସେଥିପାଇଁ ଏହି ସମୟ ବହୁତ ଗୁରୁତ୍ୱ ବହନ କରେ । ହିନ୍ଦୁ ପରମ୍ପରା ଓ ବିଶ୍ୱାସ ଅନୁଯାୟୀ ତୁଳସୀ ଗଛ ମୂଳରେ ସର୍ବ ଦେବାଦେବୀ ବାସ କରନ୍ତି , ତେଣୁ ତୁଳସୀ ଗଛ ରୋପଣ ଓ ପୂଜାର୍ଚ୍ଚନା କଲେ ଦେବତା ମାନେ ପ୍ରସନ୍ନ ହୁଅନ୍ତି । ପୁରାଣ ତଥ୍ୟ ଅନୁଯାୟୀ ସମୁଦ୍ର ମନ୍ଥନ ସମୟରେ ବିଷ୍ଣୁଙ୍କ ବରଦାନ ବଳରେ ଏହି ଦିନ ମହାବୀର ହନୁମାନ ଜନ୍ମଗ୍ରହଣ କରିଥିଲେ । ହନୁମାନଙ୍କ ଜୟନ୍ତୀ ପାଇଁ ପୂରପଲ୍ଲୀରେ ଠାରୁ ଆରମ୍ଭ କରି ସହର ବଜାରରେ ଥିବା ହନୁମାନଙ୍କ ମନ୍ଦିର ରେ ପୂଜାର୍ଚ୍ଚନା କରିବା ସହିତ, ବିଭିନ୍ନ ଜାଗା, ଆଖଡା ଶାଳରେ ଯୁବକମାନେ ପଣା ବିତରଣ କରି ପରସ୍ପର ମଧ୍ୟରେ ଖୁସି ମନାନ୍ତି। ପରିତାପର ବିଷୟ ଏହିକି ଯେ ଆଧୁନିକ ମଣିଷ ପାଶ୍ଚାତ୍ୟଭିମୁଖୀ ମାନସିକତାରେ ବୁଡି ରହି "ଓଡ଼ିଆ ନବ ବର୍ଷ" ପାଳନ କରିବାରେ ସେତେଟା ଆଗ୍ରହ ପ୍ରକାଶ କରୁ ନାହାନ୍ତି । ଆସନ୍ତୁ ସମସ୍ତେ ଏକାଠି ହୋଇ ଏହି ମହାନ ପର୍ବରେ ସାମିଲ ହୋଇ ଓଡିଆ ଅସ୍ମିତାକୁ ଆହୁରି ଆଗକୁ ନେଇ ଓଡ଼ିଆ ସ୍ୱାଭିମାନକୁ ଅକ୍ଷୁର୍ଣ୍ଣ ରଖିବା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ଇଶାନ କିଶନଙ୍କ ବିସ୍ଫୋରକ ବ୍ୟାଟିଂ : ରାଜସ୍ଥାନକୁ ୫୭ ରନରେ ହରାଇଲା ହାଇଦ୍ରାବାଦ୍

**ହାଇଦ୍ରାବାଦ**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ଏକବିଂଶ ମୁକାବିଲା ସନ୍‌ରାଇଜର୍ସ ହାଇଦ୍ରାବାଦ୍‌ର ବିଶାଳ ବିଜୟ ହୋଇଛି। ଘରୋଇ ମାଟିରେ ରାଜସ୍ଥାନ ରୟାଲ୍ସକୁ ହାଇଦ୍ରାବାଦ୍ ୫୭ ରନ୍‌ରେ ପରାସ୍ତ କରିଛି। ରାଜସ୍ଥାନର କିଛି ବିସ୍ଫୋରକ ବ୍ୟାଟର ଖାତା ଖୋଲିପାରି ନାହାନ୍ତି। ରାଜସ୍ଥାନ ଟିମ୍ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୧୫୯ ରନ୍ କରିପାରିଥିଲା। ରାଜସ୍ଥାନର ଅଧିକାଂଶ ଖେଳାଳି ହାଇଦ୍ରାବାଦର ବୋଲରଙ୍କ ଆଗରେ ଆତ୍ମସମର୍ପଣ କରିଛନ୍ତି। ପ୍ରଫୁଲ୍ଲ ହିଙ୍ଗେ ଏବଂ ସାକିବ୍ ହୁସେନ ୪-୪ ୱିକେଟ୍ ନେଇଥିଲା ବେଳେ ଇଶାନ ମାଲିଙ୍ଗା ୨ଟି ୱିକେଟ୍ ନେଇଥିଲେ।

୨୧୭ ରନ୍‌ର ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ହାଇଦ୍ରାବାଦର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା। ସ୍କୋର ମାତ୍ର ୯ ରନ୍‌ରେ ଦଳ ଆଗଧାଡ଼ିର ୫ଜଣ ବ୍ୟାଟରଙ୍କୁ ହରାଇଥିଲା। ଏଥିରେ ବିସ୍ଫୋରକ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ, ବୈଭବ ସୂର୍ଯ୍ୟବଂଶୀ, ଧ୍ରୁବ ଜୁରେଲ, ଲୁଆଡ ଡ୍ରି ପ୍ରିଟ୍ରିୟସ, ରିୟାନ ପରାଜ ଓ ଧ୍ରୁବ ଜୁରେଲ ସାମିଲ ଅଛନ୍ତି। ସୂର୍ଯ୍ୟବଂଶୀ, ଜୁରେଲ ଏବଂ ଲୁଆନ ଖାତା ଖୋଲିପାରି ନଥିଲେ।

ରାଜସ୍ଥାନ ପାଇଁ ଦୋନାଭାନ ଫେରାରିଆ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୪୪ଟି ବଲ୍ ସାମ୍ନା କରି ୬୯ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୭ଟି ଚୌକା ଏବଂ ୩ଟି ଛକା ସାମିଲ ଥିଲା। ସେହିପରି ୩୨ଟି ବଲ୍ ଖେଳି ୫ଟି ଚୌକା ସହାୟତାରେ ୪୫ ରନ୍ ସଂଗ୍ରହ କରିଥିଲେ ରବୀନ୍ଦ୍ର ଜାଡେଜା। ତୁଷାର ଦେଶପାଣ୍ଡେ ୧୧ଟି ବଲ୍ ଖେଳି ୩ଟି ଛକା ସହାୟତାରେ ୨୫ ରନ୍ ସଂଗ୍ରହ କରିଥିଲେ।

ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ରାଜସ୍ଥାନ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ଘରୋଇ ଟିମ୍‌କୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ ମିଳିଥିଲା। ଇଶାନ କିଶନଙ୍କ ନେତୃତ୍ୱରେ ହାଇଦ୍ରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ୍ ହରାଇ ୨୧୬ ରନ୍ ସଂଗ୍ରହ କରିଛି। ଫଳରେ ରାଜସ୍ଥାନକୁ ଏହି ମ୍ୟାଚ୍ ବିଜୟ ପାଇଁ ୨୧୭ ରନ୍ ଟାର୍ଗେଟ ମିଳିଛି।



ହାଇଦ୍ରାବାଦ୍ ପାଇଁ ଅଭିଷେକ ଶର୍ମା ଏବଂ ଟ୍ରାଭିସ୍ ହେଡ୍ ଇନିଂସ ଆରମ୍ଭ କରିଥିଲେ। କିନ୍ତୁ ଦଳକୁ ଆରମ୍ଭରୁ ହିଁ ବଡ଼ ଝଟ୍‌କା ଲାଗିଥିଲା। ଯୁବ ବ୍ୟାଟର ଅଭିଷେକ ଶର୍ମା ଗୋଟିଏ ବଲ୍‌କୁ ସାମ୍ନା କରି କୌଣସି ରନ୍ ସଂଗ୍ରହ ନକରି ଆଉଟ୍ ହୋଇ ପାଭଲିଅନକୁ ଫେରିଯାଇଥିଲେ। ଫଳରେ ତାଙ୍କର ସ୍ଥାନ ପୂରଣ କରିବା ପାଇଁ ଅଧିନାୟକ ଇଶାନ କିଶନ ପଡ଼ିଆକୁ ପ୍ରବେଶ କରିଥିଲେ।

ନିଜ ଦଳ ପାଇଁ ଇଶାନ କିଶନ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୪୪ଟି ବଲ୍ ଖେଳି ୯୧ ରନ୍ ସଂଗ୍ରହ କରିଥିଲେ। ଏଥିରେ ସେ ୮ଟି ଚୌକା ଏବଂ ୬ଟି ଛକା ସାମିଲ କରିଥିଲେ। ହେନରିକ କ୍ଲାସେଁ ୨୬ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ୩ଟି ଛକା ବଳରେ ୪୦ ରନ୍ ସଂଗ୍ରହ କରିଥିଲେ।

ଇଶାନ କିଶନ ଏବଂ ଟ୍ରାଭିସ୍ ହେଡ୍ ଦ୍ୱିତୀୟ ୱିକେଟ୍ ପାଇଁ ୫୫ ରନ୍ ସଂଗ୍ରହ କରିଥିଲେ। ଟ୍ରାଭିସ୍ ହେଡ୍ ମଧ୍ୟ ଅଧିକ ସମୟ ପର୍ଯ୍ୟନ୍ତ କ୍ରିଜ୍‌ରେ ରହିପାରି ନଥିଲେ। ସେ ବ୍ୟକ୍ତିଗତ ଭାବେ ୧୮ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ ଏବଂ ୩ଟି ଚୌକା ମାରିଥିଲେ।

ଯୁବ ବ୍ୟାଟର ନୀତିଶ ରେଡ୍ଡୀ ବ୍ୟକ୍ତିଗତ ଭାବେ ୨୮ ରନ୍ ସଂଗ୍ରହ କରିଥିଲେ। ସେ ୧୩ଟି ବଲ୍‌ରୁ ୪ଟି ଛକା ମାରିଥିଲେ। ଅନିକେତ ବର୍ମା ୫ଟି ବଲ୍ ଖେଳି ୬ ରନ୍ କରିଥିଲେ, ଯେଉଁଥିରେ ଗୋଟିଏ ଚୌକା ସାମିଲ ଥିଲା। ସଲିଲ ଅରୋରା ୧୩ଟି ବଲ୍‌ରୁ ୨ଟି ଚୌକା ଏବଂ ୨ଟି ଛକା ବଳରେ ଅପରାଜିତ ୨୪ ରନ୍ କରିଥିଲେ।

# ରାଜସ୍ଥାନ ମ୍ୟାନେଜରଙ୍କୁ କାରଣ ଦର୍ଶାଅ ନୋଟିସ୍ ପଠାଇଲା ବିସିସିଆଇ



**ମୁମ୍ବାଇ**

ରାଜସ୍ଥାନର ମ୍ୟାନେଜର ରୋମି ଭିଣ୍ଡର ମ୍ୟାଚ୍ ସମୟରେ ମୋବାଇଲ ବ୍ୟବହାର କରିଥିଲେ। ସେ ଡଗ୍ ଆଉଟ୍‌ରେ ବସି ମୋବାଇଲ ଦେଖୁଥିବା ବେଳେ ପାଖରେ ବସିଥିଲେ ଯୁବ ତାରକା ବୈଭବ ସୂର୍ଯ୍ୟବଂଶୀ। ଏହି ଭିଡିଓ ବେଶ୍ ଭାଇରାଲ ହେବା ପରେ ଏବେ ବିସିସିଆଇ ଏକ ନୋଟିସ ରାଜସ୍ଥାନର ମ୍ୟାନେଜରଙ୍କୁ ପଠାଇଛି। ବୋର୍ଡର ଦୁର୍ନୀତି ନିବାରଣ ଏବଂ ସୁରକ୍ଷା ୟୁନିଟ୍ ଦ୍ୱାରା ଏହି ନୋଟିସ୍ ଜାରି କରାଯାଇଛି।

କହି ରଖୁଛୁ କି, ଭାଇରାଲ ହେଉଥିବା ଭିଡିଓଟି ଗତ ୧୦ ତାରିଖରେ ଘଟିଥିଲା। ଗୌହାଟୀରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଖେଳାଯାଉଥିବା ମ୍ୟାଚ୍ ସମୟରେ। ଡଗ ଆଉଟରେ ମୋବାଇଲ ବ୍ୟବହାର କରୁଥିବାର ଭିଡିଓ ଭାଇରାଲ ହେବାପରେ ତାଙ୍କ ବିପକ୍ଷରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଥିଲା। ଏହାସହ ବିସିସିଆଇ ସଚିବ ମଧ୍ୟ ନିଜର ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ କି, ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ।

ସୋମବାର ବିସିସିଆ ପକ୍ଷରୁ ଆସିଥିବା ନୋଟିସରେ ଦର୍ଶାଯାଇଛି କି, ୪୮ ଘଣ୍ଟା ମଧ୍ୟରେ କାରଣ ଦର୍ଶାଇବେ ସେ କାହିଁକି ମୋବାଇଲ ଦେଖୁଥିଲେ। ଏହା ସତ୍ତ୍ୱେ, ଫୋନ୍ ବ୍ୟବହାର ପିଏଏମଓଏ (ଖେଳାଳି ଏବଂ ମ୍ୟାଚ୍ ଅଧିକାରୀ କ୍ଷେତ୍ର) ନିର୍ଦ୍ଦେଶାବଳୀର ଉଲ୍ଲଂଘନ କରେ, ତେଣୁ ସେମାନଙ୍କୁ ଏକ ସ୍ପଷ୍ଟୀକରଣ ମଗାଯାଇଛି। ଏହା ଉଲ୍ଲେଖନୀୟ ଯେ ଆଇପିଏଲ ପାଇଁ ପିଏଏମଓଏ ଅନୁଯାୟୀ, କେବଳ ଦଳ ପରିଚାଳକ ଏବଂ ସୁରକ୍ଷା ପରିଚାଳକଙ୍କୁ ଫୋନ୍ ରଖିବାର ଅନୁମତି ଦିଆଯାଇଛି। ତଥାପି ଏହି ଅନୁମତି କେବଳ ଡ୍ରେସିଂ ରୁମ୍ ପାଇଁ ସୀମିତ। ଡଗ୍ ଆଉଟ୍‌ରେ ଫୋନ୍ ବ୍ୟବହାର କରାଯାଇପାରିବ ନାହିଁ, ଯାହାକୁ ଦୁର୍ନୀତି ନିବାରଣ କୋଡ୍‌ର ଉଲ୍ଲଂଘନ ବୋଲି ବିବେଚନା କରାଯାଏ।

# ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ୧୨ ଲକ୍ଷ ଜରିମାନା ଲଗାଇଲା ବିସିସିଆଇ

**ନୂଆଦିଲ୍ଲୀ**

ରବିବାର ମୁମ୍ବାଇ ଇଣ୍ଡିଆନ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ରନ ଦୃଷ୍ଟିରୁ ଐତିହାସିକ ଥିଲା। ଏହି ମ୍ୟାଚ୍ ମଧ୍ୟ ବିବାଦରେ ଫସି ରହିଥିଲା, ଯାହା ଫଳରେ ଏମଆଇ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ବାଙ୍ଗାଲୋରର ଷ୍ଟାର ବ୍ୟାଟ୍ସମ୍ୟାନ ଟିମ୍ ଡେଭିଡଙ୍କୁ ଦଣ୍ଡିତ କରାଯାଇଛି। ଅମ୍ପାୟାରଙ୍କୁ ବଲ ଫେରାଇବାରେ ଜାଣିଶୁଣି ବିଳମ୍ବ କରିବା ପାଇଁ ଡେଭିଡଙ୍କୁ ତାଙ୍କ ମ୍ୟାଚ୍ ଫି'ର ୨୫ ପ୍ରତିଶତ ଜରିମାନା କରାଯାଇଛି। ଅନ୍ୟପକ୍ଷରେ ହାର୍ଦ୍ଦିକଙ୍କୁ ୧୨ ଲକ୍ଷ ଜରିମାନା କରାଯାଇଛି।



ଆରସିବି ବିପକ୍ଷ ମ୍ୟାଚ୍‌ରେ ଦଳକୁ ସ୍ଲୋ ଓଭର-ରେଟ ପାଇଁ ଦୋଷୀ ସାବ୍ୟସ୍ତ କରାଯାଇଥିବାରୁ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ୧.୨ ମିଲିୟନ ଜରିମାନା ଦେବାକୁ ପଡ଼ିବ। ଆଇପିଏଲ ଆଚରଣ ସଂହିତାର ଧାରା ୨.୨୨ ଅନୁଯାୟୀ ହାର୍ଦ୍ଦିକଙ୍କୁ ଦଣ୍ଡିତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଆଇପିଏଲ ୨୦୨୬ରେ ଏହା ପ୍ରଥମଥର ଥିଲା ଯେତେବେଳେ ମୁମ୍ବାଇ ଇଣ୍ଡିଆନ୍ସକୁ ସ୍ଲୋ ଓଭର-ରେଟ୍ ପାଇଁ ଦୋଷୀ ସାବ୍ୟସ୍ତ କରା ଯାଇଛି। ଏହି କାରଣରୁ ଅଧିନାୟକଙ୍କୁ ଜରିମାନା କରା ଯାଇଛି। ଏହା ଉଲ୍ଲେଖଯୋଗ୍ୟ ଯେ ଯଦି କୌଣସି ଦଳ ଗୋଟିଏ ସିଜିନରେ ତିନିଥର ସ୍ଲୋ ଓଭର-ରେଟ ପାଇଁ ଦୋଷୀ ସାବ୍ୟସ୍ତ ହୁଏ, ତେବେ ଅଧିନାୟକଙ୍କୁ ଜରିମାନା ଏବଂ ଗୋଟିଏ ମ୍ୟାଚ୍ ପାଇଁ ବାସନ୍ଦ କରାଯାଏ।

# ୧୬ ବର୍ଷରୁ କମ୍ ଅନ୍ତଃଜିଲ୍ଲା କ୍ରିକେଟ୍ : ଅଂଶୁଳଙ୍କୁ ୫, ଗମ୍ଭୀରଙ୍କୁ ୭ ୱିକେଟ୍

**କଟକ**

ଚଳିତ ୧୬ ବର୍ଷରୁ କମ୍ ଅନ୍ତଃଜିଲ୍ଲା କ୍ରିକେଟ୍ ପ୍ରତିଯୋଗିତାରେ ରବିବାର ଗଞ୍ଜାମ, ବାଲେଶ୍ୱର, ସମ୍ବଲପୁର-ଏ, କଟକ-ଏ, ଯାଜପୁର, କୋରାପୁଟ ବିଜୟୀ ହୋଇଛନ୍ତି। ଏହି ଖେଳରେ ମୟୂରଭଞ୍ଜର ଗମ୍ଭୀର ପିଙ୍ଗୁଆଙ୍କୁ ୭ ଏବଂ ଯାଜପୁରର ଅଂଶୁଳ ବାରିକଙ୍କୁ ୫ ୱିକେଟ୍ ମିଳିବା ଉଲ୍ଲେଖନୀୟ ବିଷୟ ଅଟେ।

ଡ୍ରିମ୍ସ ପଡ଼ିଆରେ ଗଞ୍ଜାମ ୨ ୱିକେଟ୍‌ରେ ସୁନ୍ଦରଗଡ଼କୁ ପରାସ୍ତ କରିଛି। ସୁନ୍ଦରଗଡ଼ ୯ ୱିକେଟ୍ ହରାଇ ୧୬୨ ରନ୍ କରିଥିଲା। ଜବାବରେ ଗଞ୍ଜାମ ୪୩.୫ ଓଭରରେ ୮ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଗଞ୍ଜାମର ଟି. ଦିବାକର ପାତ୍ର (୨/୨୪) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ରେଭେନ୍‌ସା ପଡ଼ିଆ-୧ରେ ବାଲେଶ୍ୱର ୬ ୱିକେଟରେ ଅନୁଗୁଳକୁ ହରାଇଛି। ଅନୁଗୁଳ ୪୬.୩ ଓଭରରେ ୧୫୩ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଜବାବରେ ବାଲେଶ୍ୱର ୩୩.୦ ଓଭରରେ ୪ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ବାଲେଶ୍ୱରର ତନ୍ମୟ ପାଢ଼ୀ (୩/୨୧) ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ସନ୍‌ସାଇନ୍ ପଡ଼ିଆରେ ସମ୍ବଲପୁର-ଏ' ୭୯ ରନ୍‌ରେ ମୟୂରଭଞ୍ଜକୁ ପରାସ୍ତ କରିଛି। ମୟୂରଭଞ୍ଜ ପକ୍ଷରୁ ଗମ୍ଭୀର ପିଙ୍ଗୁଆ ୭ ୱିକେଟ୍ ନେଇଥିଲେ।

ଜବାବରେ ମୟୂରଭଞ୍ଜ ୨୮.୪ ଓଭରରେ ୧୩୭ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ରେଭେନ୍‌ସା ପଡ଼ିଆ-୨ରେ କଟକ-'ଏ' ୨ ରନ୍‌ରେ ନବରଙ୍ଗପୁରକୁ ପରାସ୍ତ କରିଛି। କଟକ-'ଏ' ୪୧.୨ ଓଭରରେ ୨୦୬ ରନ୍ କରିଥିଲା। ଜବାବରେ ନବରଙ୍ଗପୁର ୫୦ ଓଭରରେ ୨୦୪/୧୦ କରିଥିଲା। ପ୍ରାତିଶ ମିଶ୍ର (୪୬ ରନ୍) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ନିମପୁର ପଡ଼ିଆରେ ଯାଜପୁର ୧୨୯ ରନ୍‌ରେ ମାଲକାନାଗିରିକୁ ମାତ୍ ଦେଇଛି। ଯାଜପୁର ୪୬.୨ ଓଭରରେ ୨୨୮ ରନ୍ ଜବାବରେ ମାଲକାନଗିରି ୨୬ ଓଭରରେ ୯୯/୧୦ ଅଟକି ଯାଇଥିଲା। ୫ଟ ୱିକେଟ ନେଇଥିବା ଯାଜପୁରର ଅଂଶୁଳ ବାରିକ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ରେଳବାଇ ପଡ଼ିଆରେ କୋରାପୁଟ ୧୦ ୱିକେଟ୍‌ରେ ବୌଦ୍ଧକୁ ହରାଇଛି। ବୌଦ୍ଧ ୨୬ ଓଭରରେ ୬୧ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ କୋରାପୁଟ ୭.୨ ଓଭରରେ କୌଣସି ୱିକେଟ୍ ନହରାଇ ମ୍ୟାଚ୍ ଜିତି ନେଇଥିଲା। କୋରାପୁଟର ଶୁଭ୍ରାଂଶୁ ଷଡ଼ଙ୍ଗୀ (୪/୬)ଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା।

# ଜାତୀୟ ଉପକନିଷ୍ଠ ହକି : ଓଡ଼ିଶାକୁ କାଂସ୍ୟ



**ଭୁବନେଶ୍ୱର**

ରାଞ୍ଚିରେ ଚାଲିଥିବା ଜାତୀୟ ଉପକନିଷ୍ଠ ହକି ପ୍ରତିଯୋଗିତାରେ ଓଡ଼ିଶାକୁ କାଂସ୍ୟ ପଦକ ମିଳିଛି। ଡିଭିଜନ୍ 'ଏ'ର କାଂସ୍ୟ ମୁକାବିଲାରେ ଓଡ଼ିଶା ୪-୨ ଗୋଲ୍‌ରେ ଉତ୍ତରପ୍ରଦେଶକୁ ପରାସ୍ତ କରିଛି। ମ୍ୟାଚ୍‌ର ଅଷ୍ଟମ ମିନିଟ୍‌ରେ ପ୍ରିୟଙ୍କା ମିଞ୍ଜଙ୍କ ଗୋଲ୍‌ରେ ଓଡ଼ିଶା ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ୧୮ତମ ମିନିଟ୍‌ରେ ପ୍ରିୟଙ୍କା ଆଉ ଏକ ଗୋଲ୍ ଦେଇଥିଲେ।


ଏହାପରେ ପ୍ରିୟା ପ୍ରିନ୍‌ସେସ୍ ଏକ୍କା (୨୨) ଓ ଅର୍ଚ୍ଚନା କୁଜୁର ଗୋଟିଏ ଲେଖାଏଁ ଗୋଲ୍ ଲଦି ଦଳକୁ ୪-୦ରେ ଆଗୁଆ କରିଥିଲେ। ତେବେ ଦ୍ୱିତୀୟ କ୍ୱାର୍ଟର ଶେଷ ମିନିଟ୍‌ରେ ଉତ୍ତରପ୍ରଦେଶ ଅଧିନାୟିକା ଆରିକା କୁମାରୀ (୨୯ ମିନିଟ୍) ଗୋଟିଏ ଗୋଲ୍ ଶୁଝି ସ୍ଥିତି ୧-୪ କରିଥିଲେ। ତୃତୀୟ କ୍ୱାର୍ଟର ଗୋଲ୍‌ଶୂନ୍ୟରେ ଶେଷ ହେବା ପରେ ଚତୁର୍ଥ କ୍ୱାର୍ଟରରେ ଉତ୍ତରପ୍ରଦେଶର ମମତା କୁମାରୀ (୫୮ ମିନିଟ୍) ଗୋଟିଏ ଗୋଲ୍ ଶୁଝି ପରାଜୟ ବ୍ୟବଧାନକୁ କମାଇଥିଲେ। ଫାଇନାଲରେ ଗତ ଥରର ବିଜେତା ଝାଡ଼ଖଣ୍ଡ ୨-୧ ଗୋଲ୍‌ରେ ମଧ୍ୟପ୍ରଦେଶକୁ ହରାଇ ଟ୍ରଫି ବଜାୟ ରଖିବାକୁ ସକ୍ଷମ ହୋଇଛି।

# ରୋହିତ ଓ ବିରାଟ ଆହତ : ଖେଳି ନ ପାରନ୍ତି ଆଇପିଏଲ

**ନୂଆଦିଲ୍ଲୀ**

ଆଇପିଏଲରେ ରବିବାର ମୁମ୍ବାଇ ଇଣ୍ଡିଆନ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ରୋହିତ ଶର୍ମା ଓ ବିରାଟ କୋହଲି ଆହତ ହୋଇଛନ୍ତି। ହିଟମ୍ୟାନ୍ ରୋହିତ ଶର୍ମା ହାମଷ୍ଟ୍ରିଙ୍ଗ୍ ଆଘାତ ଯୋଗୁଁ ବ୍ୟାଟିଂରୁ ଅବସର ନେଇଥିଲେ। ଆରସିବି ଷ୍ଟାର ତଥା ପୂର୍ବତନ ଅଧିନାୟକ ବିରାଟ କୋହଲି ମଧ୍ୟ ଗୋଡ଼ ଆଘାତରେ ଚିନ୍ତିତ ଥିବା ଦେଖାଯାଉଥିଲେ। କୋହଲିଙ୍କର ଗୋଇଠି ଯନ୍ତ୍ରଣା ପାଇଁ ସେ ଫିଲ୍ଡିଂ କରିନଥିଲେ। ରୋହିତ-କୋହଲିଙ୍କ ଆଘାତ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ରାୟଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପାଇଁ ଅସୁବିଧା ବଢାଇ ଦେଇଛି।

ମୁମ୍ବାଇ ଇଣ୍ଡିଆନ୍ସ ୨୪୧ ରନର ଏକ ବିଶାଳ ଟାର୍ଗେଟର ପିଛା କରୁଥିବା ବେଳେ ହଠାତ୍ ରୋହିତ ଶର୍ମା ପଞ୍ଚମ ଓଭରରେ ରିଟାୟର୍ଡ ହର୍ଟ୍ ହୋଇଗଲେ। କିଛି ବଲ ପରେ, ସେ ଫିଜିଓଙ୍କୁ ଡାକିଲେ, କିନ୍ତୁ ଯନ୍ତ୍ରଣା ବଢିବାରୁ ତାଙ୍କୁ ପଡ଼ିଆ ଛାଡ଼ିବାକୁ ପଡ଼ିଲା। ରୋହିତ ୧୩ ବଲରେ ୧୯ ରନ କରିଥିଲେ ଏବଂ ତାଙ୍କ ହାମଷ୍ଟ୍ରିଙ୍ଗ୍ ବ୍ୟାଣ୍ଡେଜ୍ ହୋଇଥିବା ଦେଖିବାକୁ ମିଳିଥିଲା। ସବୁଠାରୁ ଚିନ୍ତାର ବିଷୟ ଥିଲା ଯେ ସେ ପୁଣି ବ୍ୟାଟିଂକୁ ଫେରିବେ ନାହିଁ। ଆଘାତର ଗମ୍ଭୀରତା ନିର୍ଣ୍ଣୟ କରିବା ପାଇଁ ତାଙ୍କର ସ୍କାନ କରାଯିବ। ୩୭ ବର୍ଷ ବୟସରେ ଏପରି ଆଘାତରୁ ସୁସ୍ଥ ହେବାକୁ ସମୟ ଲାଗିପାରେ।





ବିରାଟ କୋହଲି ମଧ୍ୟ ଆରସିବି ଇନିଂସ ସମୟରେ ଗୋଡ଼ ସମସ୍ୟା ସହିତ ସଂଘର୍ଷ କରୁଥିବା ଦେଖାଯାଇ ଥିଲା। ଯଦିଓ କୋହଲି ୩୮ ବଲରେ ୫୦ ରନ କରିଥିଲେ, କିନ୍ତୁ ତାଙ୍କର ଷ୍ଟ୍ରାଇକ୍ ରେଟ୍ ତୁଳନାରେ ସ୍କୋର କରିବା ଧୀର ଥିଲା। ଯାହା ତାଙ୍କ ଖେଳରେ ବହୁତ କମ୍ ଦେଖାଯାଏ। ଏହା ବିଶ୍ୱାସ କରାଯାଏ ଯେ, ଗୋଡ଼ ସମସ୍ୟା ତାଙ୍କ ବ୍ୟାଟିଂକୁ ପ୍ରଭାବିତ କରିଥିଲା।

ଏହି ମ୍ୟାଚ୍‌ରେ ଆରସିବି ପ୍ରଥମେ ବ୍ୟାଟିଂ କରି ୪ ୱିକେଟ ହରାଇ ୨୪୦ ରନର ବିଶାଳ ସ୍କୋର କରିଥିଲା। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ଲକ୍ଷ୍ୟ ହାସଲ କରିବାକୁ ଲଢେଇ କରିଥିଲା ହେଲେ ୫ ୱିକେଟରେ ୨୨୨ରନ କରି ୧୮ରନରେ ପରାସ୍ତ ହୋଇଥିଲା। ଏହି ବିଜୟ ପରେ ଆରସିବି ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ରହିଛି। ମୁମ୍ବାଇ ଇଣ୍ଡିଆନ୍ସ ଲଗାତାର ତୃତୀୟ ମ୍ୟାଚ୍ ହାରି ଟେବୁଲ ଅଷ୍ଟମ ସ୍ଥାନରେ ରହିଛି। ଏବେ ସମସ୍ତଙ୍କ ନଜର ରୋହିତ ଶର୍ମାଙ୍କ ଫିଟ୍‌ନେସ୍ ରିପୋର୍ଟ ଉପରେ ରହିଛି। ଯଦି ସେ ଗୁରୁତର ଆହତ ହୋଇଥାନ୍ତି ତେବେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଏହା ଏକ ବଡ଼ ସମସ୍ୟା ହେବ। ସେହିପରି ବିରାଟ କୋହଲି ଆଗାମୀ ମ୍ୟାଚ୍ ପୂର୍ବରୁ ବିଶ୍ରାମ କରିବାକୁ ସମୟ ମିଳିବ। ଆଶା କରାଯାଉଛି କି ସେ ଶୀଘ୍ର ଫିଟ୍ ହୋଇ ମୈଦାନକୁ ଫେରିବେ।

# ବସ୍ ଉପରକୁ ଗୁଳିମାଡ଼ : ଚାଲିଗଲା ଫୁଟବଲ୍ ଖେଳାଳିଙ୍କ ଜୀବନ

**ଘାନା**

ଡକାୟତଙ୍କ ଆକ୍ରମଣରେ ଘାନାନିଆନ ପ୍ରିମିୟର ଲିଗ୍ କ୍ଲବର ଫୁଟବଲ ଖେଳାଳି ବେରେକୁମ୍ ଚେଲ୍‌ସୀର ଡୋମିନିକ୍ ଫ୍ରିମ୍‌ପଙ୍ଗ୍ ନିହତ ହୋଇଛନ୍ତି।



କ୍ଲବ ସୂତ୍ରରୁ ପ୍ରକାଶ ଘାନାର ଦକ୍ଷିଣାଞ୍ଚଳରେ ଅବସ୍ଥିତ ସାମ୍‌ରେ ବୋଇଠାରେ ସମରଟେକ୍ସ ବିପକ୍ଷ ମ୍ୟାଚ୍ ଖେଳି ବେରେକୁମ୍ ଚେଲ୍‌ସୀ ଦଳ ଟିମ୍ ବସ୍ ଯୋଗେ ଫେରୁଥିବା ବେଳେ ସଶସ୍ତ୍ର ଡକାୟତଙ୍କ ଆକ୍ରମଣର ଶିକାର ହୋଇଥିଲେ। ମୁଖାପିନ୍ଧା ବନ୍ଧୁକଧାରୀ ବସ୍ ଉପରୁ ଗୁଳିମାଡ଼ କରିବାରୁ ଜୀବନ ବଞ୍ଚାଇବାକୁ ଯାଇ ଡ୍ରାଇଭର ବସ୍‌କୁ ପଛୁଆ ଚଳାଇଥିଲେ। ଏପରିକି ଖେଳାଳି ଓ ଷ୍ଟାଫ୍ ନିକଟସ୍ଥ ଘଞ୍ଚ ବୁଦାରେ ଆତ୍ମଗୋପନ କରିଥିଲେ। କ୍ଲବ ତରଫରୁ ପ୍ରଥମେ କୁହାଯାଇଥିଲା ଯେ, ଜଣେ ଖେଳାଳି ଗୁରୁତର ଭାବେ ଆହତ ହୋଇ ନିକଟସ୍ଥ ହସ୍ପିଟାଲରେ ଯାଇ ଚିକିତ୍ସିତ ହେଉଛନ୍ତି। ହେଲେ ପରବର୍ତ୍ତୀ ସମୟରେ ଘାନାନିଆନ ଫୁଟ୍‌ବଲ ଆସୋସିଏସନ ପକ୍ଷରୁ ଆକ୍ରମଣ ଘଟଣାରେ ୨୦ ବର୍ଷୀୟ ୱିଙ୍ଗର ଡୋମିନିକ ଫ୍ରିମ୍‌ପଙ୍ଗ୍ ନିହତ ହୋଇଛନ୍ତି।

# କେନାଲ କଡ଼ରେ ପଡ଼ିଛି ନରକଙ୍କାଳ, ଉଦ୍ଧାର କଲା ପୋଲିସ

**କଟକ, ନ୍ୟୁଜ୍‌ବ୍ୟୁରୋ**

କେନାଲ କଡ଼ରେ ପଡିଛି ଅଧା ପୋଡ଼ା ନରକଙ୍କାଳ। ବାରଙ୍ଗ ଷଣ୍ଢପୁର ନିକଟ ପୁରୀ ମୁଖ୍ୟ କେନାଲ କଡରେ ପଡିଛି ଅଧାପୋଡ଼ା ହାଡ଼ କଙ୍କାଳ। ନାଳକୁ ଗାଧୋଇବାକୁ ଯିବା ସମୟରେ ସ୍ଥାନୀୟ ଲୋକ ଦେଖିଥିଲେ। ଘଟଣାସ୍ଥଳରେ ବାରଙ୍ଗ ଥାନା ପୋଲିସ ପହଞ୍ଚି ତଦନ୍ତ କରୁଛି। ବାରଙ୍ଗ ଥାନା ଷଣ୍ଢପୁର ନିକଟ ପୁରୀ ମୁଖ୍ୟ କେନାଲ କଡ଼ରେ ପଡିଛି ଅଧା ପୋଡ଼ା ନରକଙ୍କାଳ। କିଛି ପୋଡ଼ିଯାଇଥିବା ବେଳେ କିଛି ଅଧା ପୋଡ଼ା ଅବସ୍ଥାରେ ଅଛି। କେହି କଙ୍କାଳକୁ ଆଣି କେନାଲ କଡ଼ରେ ପୋଡିଥିବା ଅନୁମାନ କରାଯାଉଛି।



ଏକ ଜରିରେ ବାନ୍ଧାଯାଇ ତାରରେ ଗୁଡ଼ାଯାଇଛି। ଦିନ ପ୍ରାୟ ସାଢ଼େ ୧୨ଟାରେ ଷଣ୍ଢପୁର ଗ୍ରାମର ଉମାକାନ୍ତ ବେହେରା କେନାଲକୁ ଗାଧୋଇବାକୁ ଯିବାବେଳେ ଏହା ଦେଖି ଗୋଡ଼ିସାହି ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ଥାନା ଓ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ତେବେ କେହି ଏହି କଙ୍କାଳ ଆଣି ରାତିରେ ଏଠାରେ ପୋଡ଼ି ଦେଇଥିବା ସନ୍ଦେହ କରାଯାଉଛି। ଲୋକ ଆସିଯିବାରୁ ଭୟରେ ପଳାଇଛି। ତେଣୁ କଙ୍କାଳ ଅଧା ପୋଡ଼ିଛି ଅଧା ରହିଯାଇଥିବା ସ୍ଥାନୀୟ ଲୋକ ଅନୁମାନ କରୁଛନ୍ତି। କିନ୍ତୁ ଏହା ବହୁ ଦିନରୁ ପଡ଼ିଥିବା ପୋଲିସ ଅନୁମାନ କରୁଛି। ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତ କଲେ ପ୍ରକୃତରେ କେବେ ଠାରୁ ପୋଡ଼ା ଯାଇଛି ତାହା ଜଣାପଡ଼ିବ ବୋଲି ପୋଲିସ କହିଛି।

**OFFICE OF THE SUPERINTENDING ENGINEER, P.H. DIVISION, BHUBANESWAR, SAHID NAGAR, ODISHA** 13001/160/2627

Phone/FAX: 0674-2540578 (0) / e-Mail: eephiiibbsr@gmail.com

Government of Odisha "e" Procurement Notice

Bid Identification No. 02 /2026-27

| | | | |
|---|---|---|---|
| 1. | Name of the work | : | 01 No. of work |
| 2. | Estimated cost | : | 92.92 Lakh. |
| 3. | Period of completion | : | One month. |
| 4. | Date & Time of availability of bid document in the portal | : | From 11.00 AM. of 15.04.2026 to 5.00 PM of 29.04.2026 |
| 5. | Last date/time for receipt of bids in the portal | : | 05.00 PM of 29.04.2026 |
| 6. | Name and address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)

Sd/- Superintending Engineer, P.H. Division, Bhubaneswar

OIPR-13001/13205/1/26-27/0003

# କେନ୍ଦ୍ରାପଡ଼ାରେ ଆନ୍ତଃଜିଲ୍ଲା ଭଲିବଲ୍ ଓ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ଏବଂ ଜିଲ୍ଲା ପ୍ରଶାସନର ସହଯୋଗରେ "ଓଡ଼ିଶା କ୍ରୀଡ଼ା ମହାକୁମ୍ଭ - ସିଏମ ଟ୍ରଫି ୨୦୨୬"ର ପ୍ରଥମ ସଂସ୍କରଣ ଅବସରରେ ଜିଲ୍ଲାସ୍ତରୀୟ ୧୪ ବର୍ଷରୁ କମ୍ ବର୍ଗର ଆନ୍ତଃକ୍ଲବ ଓ ଅନ୍ତଃଜିଲ୍ଲା ଭଲିବଲ ଓ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ ଏବଂ ଯୁବ କ୍ରୀଡ଼ାଳୁମାନଙ୍କୁ କ୍ରୀଡ଼ା ମାଧ୍ୟମରେ ନିଜ କୌଶଳ ବିକାଶ କରିବା ସହ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉନ୍ନତିରେ ଗୁରୁତ୍ୱ ଦେବାକୁ ପ୍ରେରିତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଚେତନା ବିକାଶରେ ଏପରି ପ୍ରତିଯୋଗିତାର ଭୂମିକା ବିଷୟରେ ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଏବଂ ଜିଲ୍ଲା ଆଥଲେଟିକ ସଂଘର ସମ୍ପାଦକ ସୟଦ ଆକମଲ ଅଲ୍ଲୀ ଯୋଗଦେଇଥିଲେ। ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଆସନ୍ତା କାଲି ଉଦଯାପିତ ହେବ। ପ୍ରତିଯୋଗିତା ପରିଚାଳନାରେ ପିଇଟିମାନେ ଓ ବିଭିନ୍ନ କ୍ରୀଡା ସଂଘର କର୍ମକର୍ତ୍ତାମାନେ ସକ୍ରିୟ ସହଯୋଗ କରିଥିଲେ।

# ଖେଲୋ ଇଣ୍ଡିଆ ଭାରତର ପାରମ୍ପରିକ କ୍ରୀଡ଼ାର ମର୍ଯ୍ୟାଦା ବୃଦ୍ଧି କରିଛି : ରାଜନାଥ ସିଂହ

**ଲକ୍ଷ୍ନୌ**

ଲକ୍ଷ୍ନୌର କେ.ଡି. ସିଂହ ବାବୁ ଷ୍ଟାଡିୟମରେ ସୋମବାର ଆୟୋଜିତ 'ସଂସଦ ଖେଳ ମହାକୁମ୍ଭ' (ସଂସଦ କ୍ରୀଡ଼ା ମହୋତ୍ସବ)ରେ ଉଦ୍‌ବୋଧନ ଦେଇ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ 'ଖେଲୋ ଇଣ୍ଡିଆ' ପଦକ୍ଷେପ ଭାରତର ପାରମ୍ପରିକ କ୍ରୀଡ଼ାର ମର୍ଯ୍ୟାଦାକୁ ଯଥେଷ୍ଟ ବୃଦ୍ଧି କରିଛି। ଗଟକା, ମଲ୍ଲଖମ୍ଭ, ଥାଙ୍ଗ-ତା, କଲାରିପାୟଟ୍ଟୁ ଏବଂ ଯୋଗାସନ ଭଳି ବିଭିନ୍ନ ବିଷୟକୁ ଉତ୍ସାହିତ କରିବା ପାଇଁ ଛାତ୍ରବୃତ୍ତି ମଧ୍ୟ ପ୍ରଦାନ କରୁଛି। ସେ ଉଲ୍ଲେଖ କରିଛନ୍ତି ଯେ, ବର୍ତ୍ତମାନ ସାରା ଦେଶରେ ୧,୦୦୦ ଖେଲୋ ଇଣ୍ଡିଆ କେନ୍ଦ୍ର ପ୍ରତିଷ୍ଠା କରାଯାଉଛି। ଏହା ସହିତ, ପ୍ରାୟ ଦୁଇ ଡଜନ ଜାତୀୟ ଉତ୍କର୍ଷ କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ରଗୁଡ଼ିକ ପ୍ରଦର୍ଶନରେ ଉନ୍ନତି ଆଣିବା ଲକ୍ଷ୍ୟରେ ତାଲିମ ଏବଂ କ୍ରୀଡ଼ା ବିଜ୍ଞାନ ସହାୟତା ପ୍ରଦାନ କରନ୍ତି। ପ୍ରତିରକ୍ଷା ମନ୍ତ୍ରୀ ଆହୁରି ମନ୍ତବ୍ୟ ଦେଇଥିଲେ ଯେ କ୍ରୀଡାରେ ସ୍ୱତନ୍ତ୍ର ଉଚ୍ଚଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟଗୁଡ଼ିକ ମଧ୍ୟରେ ପ୍ରୟାସ କରାଯାଉଛି। ଏହି କ୍ଷେତ୍ରରେ, ଉତ୍ତର ପ୍ରଦେଶ ପ୍ରଶଂସନୀୟ କାର୍ଯ୍ୟ କରୁଛି; ମେରଠର ମେଜର ଧ୍ୟାନଚାନ୍ଦ କ୍ରୀଡ଼ା ବିଶ୍ୱବିଦ୍ୟାଳୟ ଆମ ସମ୍ମୁଖରେ ଏକ ପ୍ରମୁଖ ଉଦାହରଣ ଭାବରେ ଠିଆ ହୋଇଛି। ରାଜନାଥ ସିଂହ ଆହୁରି କହିଛନ୍ତି ଯେ, ଆମର ଜାତୀୟ ଶିକ୍ଷା ନୀତି ଅନୁଯାୟୀ, କ୍ରୀଡ଼ାକୁ ଏବେ ଏକ ଶୈକ୍ଷିକ ବିଷୟ ଭାବରେ ପଢ଼ାଯାଉଛି। ଦେଶର ପ୍ରଥମ ଜାତୀୟ କ୍ରୀଡ଼ା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଏହି ପଦକ୍ଷେପକୁ ଆହୁରି ମଜବୁତ କରିବ। ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମର ଆଉ ଏକ ଉତ୍ସାହଜନକ ଫଳାଫଳ ହେଉଛି ଯୁବତୀମାନଙ୍କ ଅଂଶଗ୍ରହଣ ବୃଦ୍ଧି। ଦେଶର ଅନେକ ସହରରେ 'ଖେଲୋ ଇଣ୍ଡିଆ ମହିଳା ଲିଗ୍' ଆୟୋଜିତ ହେଉଛି, ଯେଉଁଥିରେ ମହିଳାମାନଙ୍କର ଉଲ୍ଲେଖନୀୟ ଉଚ୍ଚ ସ୍ତରରେ ଅଂଶଗ୍ରହଣ ଦେଖାଯାଉଛି।



ଉତ୍କଳ ଦୀପିକା

ଭୁବନେଶ୍ୱର, ୧୪ ଅପ୍ରେଲ, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

### ଭୁବନେଶ୍ୱରରେ ଭଡ଼ାରେ ଲାଗିଛି ସରକାରୀ ଜମି

# ଉପଜିଲ୍ଲାପାଳ ଓ ତହସିଲଦାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

**କଟକ, ୧୩/୦୪ ନ୍ୟୁଜ ବ୍ୟୁରୋ**



ଭୁବନେଶ୍ୱର ସହରରେ ପ୍ରଭାବଶାଳୀ ଲୋକ ସରକାରୀ ଜମିକୁ ହୋଟେଲ୍ ପାଇଁ ଭଡ଼ା ଦେଇଛନ୍ତି। ଏଭଳି ଘଟଣାକୁ ନେଇ ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ଭରତପୁର ଥାନା ଅଞ୍ଚଳରେ ସମ୍ ହସ୍ପିଟାଲ ନିକଟରେ ଥିବା ଏଭଳି ଏକ ନିର୍ଦ୍ଦିଷ୍ଟ ଜମି ପ୍ରସଙ୍ଗରେ ତଦନ୍ତ କରିବାକୁ ଭୁବନେଶ୍ୱର ତହସିଲଦାର ଓ ଉପଜିଲ୍ଲାପାଳଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଜମି ସହିତ ନିକଟବର୍ତ୍ତୀ ଜମି (ସରକାରୀ ଜମି)ର ସ୍ଥିତି ସଂକ୍ରାନ୍ତରେ ତଦନ୍ତ କରି ରିପୋର୍ଟ ଦାଖଲ ପାଇଁ ତହସିଲଦାର ଓ ଉପଜିଲ୍ଲାପାଳଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ମାମଲାରେ ଜବାବ ରଖିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ସରକାରୀ ଜମିକୁ ହୋଟେଲ୍ ପାଇଁ ଭଡ଼ାରେ ନେଇଥିବା ଜଣେ ବ୍ୟକ୍ତିଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେହିଭଳି କେତେକ ସ୍ଥାନରେ ସରକାରୀ ଜମି ଜବରଦଖଲ ପାଇଁ ଭୂମିହୀନ ବ୍ୟକ୍ତିଙ୍କୁ ମାସିକ ଭଡ଼ା ଦେବାକୁ ଅସାଧୁ ଲୋକମାନେ ବାଧ୍ୟ କରୁଛନ୍ତି ବୋଲି ହାଇକୋର୍ଟ କହିଛନ୍ତି। ଏହି ମାମଲାରେ ଭଡ଼ା ନେଇଥିବା ବ୍ୟକ୍ତି ଓ ଭଡ଼ା ଦେଇଥିବା ବ୍ୟକ୍ତି ଉଭୟଙ୍କ ସରକାରୀ ଜମି ଉପରେ କୌଣସି ଅଧିକାର ନାହିଁ ବୋଲି ଜଣାପଡୁଛି। ଏଭଳି ସ୍ଥିତିରେ ଅବଗତ ତଥା ସହାୟତା କରିବା ପାଇଁ ଭୁବନେଶ୍ୱର ଉପଜିଲ୍ଲାପାଳ ଓ ତହସିଲଦାରଙ୍କୁ ମାମଲାରେ ପକ୍ଷଭୁକ୍ତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସମ୍ ହସ୍ପିଟାଲ ନିକଟରେ ଥିବା ଏକ ସରକାରୀ ଜମିକୁ ଭଡ଼ା ସୂତ୍ରରେ ନେଇ ଆବେଦନକାରୀ ହୋଟେଲ୍ କରିଥିଲେ। ତିନି ବର୍ଷ ପାଇଁ ମାସିକ ୨୭ ହଜାର ଟଙ୍କା ଭଡ଼ାରେ ନେବା ପାଇଁ ଆବେଦନକାରୀ ଜମିର ତଥାକଥିତ ଦାଖଲକାରୀଙ୍କ ସହିତ ଚୁକ୍ତି କରିଥିଲେ। ଏହି ଜମିରେ ଆବେଦନକାରୀ ଏକ ହୋଟେଲ୍ କରିଥିଲେ ଓ ପ୍ରତି ମାସରେ ଜମି ଭଡ଼ା ବାବଦରେ ୨୭ ହଜାର ଟଙ୍କା ସଂପୃକ୍ତ ବ୍ୟକ୍ତିଙ୍କୁ ଦେଇ ଚାଲିଥିଲେ। ଜାନୁଆରୀ ମାସରେ ସଂପୃକ୍ତ ବ୍ୟକ୍ତି ହୋଟେଲ୍‌କୁ ଆସି ମାସିକ ଭଡ଼ା ୩୦ ହଜାର ଟଙ୍କାକୁ ବୃଦ୍ଧି କରିଥିଲେ। କିନ୍ତୁ ତିନି ବର୍ଷର ଚୁକ୍ତି ଅବଧି ଶେଷ ହୋଇ ନଥିବା ଆବେଦନକାରୀ କହିବାରୁ ସଂପୃକ୍ତ ବ୍ୟକ୍ତି ତାଙ୍କୁ ଗାଳି କରିବା ସହିତ ଧମକ ଦେଇଥିଲେ। ଏ ନେଇ ଆବେଦନକାରୀ ଭରତପୁର ଥାନାରେ ଜଣାଇଥିଲେ। କିନ୍ତୁ ପୁଲିସ ବର୍ଦ୍ଧିତ ଭଡ଼ା ଦେବାକୁ ପରାମର୍ଶ ଦେଇଥିଲା। ଏନେଇ ସେ ଭୁବନେଶ୍ୱର ଡିସିପିଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନଥିଲା। ଏହାପରେ ଆବେଦନକାରୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ।

## ଗୋଟିଏ ଯୁଗର ଅବସାନ : ପଞ୍ଚଭୂତରେ ବିଲୀନ ଆଶା ଭୋସଲେ

**ମୁମ୍ବାଇ, ୧୩/୪**



ପଞ୍ଚଭୂତରେ ଲୀନ ହୋଇଛନ୍ତି ଆଶା ଭୋସଲେ। ମୁମ୍ବାଇର ଶିବାଜୀ ପାର୍କରେ ସୋମବାର ସନ୍ଧ୍ୟା ପ୍ରାୟ ୫ଟା ବେଳେ ରାଜକୀୟ ସମ୍ମାନ ସହ ଆଶା ଭୋସଲେଙ୍କ ଅନ୍ତିମ ସଂସ୍କାର ସଂପନ୍ନ ହୋଇଛି। ପୁଅ ଆନନ୍ଦ ଭୋସଲେ ଆଶାଙ୍କ ପାର୍ଥିବ ଶରୀରକୁ ମୁଖାଗ୍ନି ଦେଇଛନ୍ତି। ଆଶାଙ୍କ ଅନ୍ତିମ ସଂସ୍କାରରେ ସାମିଲ ହୋଇଥିଲେ ସେଲିବ୍ରିଟି ଏବଂ ନେତାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି। ରବିବାର ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା।

ସୂଚନାଥାଉକି, ଅସୁସ୍ଥତା ଯୋଗୁ ଆଶା ଭୋସଲେଙ୍କୁ ଏପ୍ରିଲ ୧୧ ତାରିଖ ଦିନ ମୁମ୍ବାଇର ବ୍ରିଚ କ୍ୟାଣ୍ଡିଂ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଆଶାଙ୍କ ଶୀଘ୍ର ସୁସ୍ଥ ହେବା ପାଇଁ ତାଙ୍କ ପ୍ରଶଂସକମାନେ ଆଶୁ ଆରୋଗ୍ୟ କାମନା କରିଥିଲେ। ହେଲେ ଏପ୍ରିଲ ୧୨ରେ ଆଶା ଭୋସଲେଙ୍କ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଥିଲା। ତାଙ୍କ ପରଲୋକ ଖବର ସମଗ୍ର ଦେଶବାସୀଙ୍କୁ ମ୍ରିୟମାଣ କରିଥିଲା।

ସୋମବାର ସକାଳେ ଆଶା ଭୋସଲେଙ୍କ ପାର୍ଥିବ ଶରୀର ମୁମ୍ବାଇରେ କାସା ଗ୍ରାଣ୍ଡେ ସ୍ଥିତ ତାଙ୍କ ଘରେ ରଖାଯାଇଥିଲା। ଯେଉଁଠାରେ ତାଙ୍କ ପ୍ରଶଂସକମାନେ ତାଙ୍କର ଅନ୍ତିମ ଦର୍ଶନ ପାଇଁ ପହଞ୍ଚିଥିଲେ। ରଣବୀର ସିଂହ, ସଚିନ ତେନ୍ଦୁଲକର, ମୋହମ୍ମଦ ସିରାଜ, ପାପୋନ ସମେତ ଅନେକ ସେଲିବ୍ରିଟି ତାଙ୍କ ଘରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସେହିଭଳି ଶ୍ମଶାନରେ ଆଶା ଭୋସଲେଙ୍କୁ ଅନ୍ତିମ ଦର୍ଶନ ପାଇଁ ଆମିର ଖାନ ଏବଂ ଭିକି କୌଶଲ ପହଞ୍ଚିଥିଲେ। ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ ଏବଂ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ମଧ୍ୟ ପହଞ୍ଚି ଆଶା ଭୋସଲେଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

# ରାଜଧାନୀର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବାଚସ୍ପତିଙ୍କ ଆହ୍ୱାନ



**ଭୁବନେଶ୍ୱର ୧୩।୪ ନ୍ୟୁଜ ବ୍ୟୁରୋ**

ରାଜଧାନୀ ହେଉଛି ରାଜ୍ୟର ମୁଖଶାଳା। ଆମ ରାଜଧାନୀର କଳା ଓ ଐତିହ୍ୟ ବେଶ ଗୌରବ ମଣ୍ଡିତ । ଏହି ଗୌରବମୟ ରାଜଧାନୀର ଶ୍ରୀବୃଦ୍ଧି କରିବା ପାଇଁ ରାଜଧାନୀ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ବାଚସ୍ପତି ସୁରମା ପାଢୀ ଯୋଗ ଦେଇ ରାଜଧାନୀବାସୀଙ୍କୁ ଆହ୍ୱାନ ଦେଇଥିଲେ । ରାଜଧାନୀ ସହ ନିଜର ଶୈଶବ ଠାରୁ ଏପର୍ଯ୍ୟନ୍ତ ଥିବା ଘନିଷ୍ଠ ସମ୍ପର୍କରେ ବାଚସ୍ପତି ନିଜର ଅନୁଭୂତି ପ୍ରଦାନ କରିଥିଲେ । ରାଜଧାନୀ ଭୁବନେଶ୍ୱର ଆଜି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ସବୁ କ୍ଷେତ୍ରରେ ଦେଶର ଯେ କୌଣସି ରାଜଧାନୀଠାରୁ ବହୁ ଉଚ୍ଚରେ ରହିଛି। ଆମ ରାଜଧାନୀର କଳା, ସଂସ୍କୃତି ଐତିହ୍ୟର ସୁରକ୍ଷା କରିବା ସହ ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରି ଗଢିତୋଳିବା ପାଇଁ ମେୟର ସୁଲୋଚନା ଦାସ ଭୁବନେଶ୍ୱରବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ରାଜଧାନୀ ପ୍ରତିଷ୍ଠା ଦିବସରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଡେପୁଟି ମେୟର ମଞ୍ଜୁଲତା କହଁର, ଭୁବନେଶ୍ୱର-କଟକ ପୁଲିସ କମିଶନର ଏସ୍. ଦେବଦତ୍ତ ସିଂହ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ପ୍ରଦୋଷ ପ୍ରଟ୍ଟନାୟକ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିବା ବେଳେ ବିଏମସି କମିଶନର ଚଞ୍ଚଳ ରାଣା ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସାଧାରଣ ସମ୍ପାଦକ ସନତ ମିଶ୍ର, ଗୌରଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ମଶାଲ ଶୋଭାଯାତ୍ରା ଲିଙ୍ଗରାଜ ମନ୍ଦିର ଠାରୁ ବାହାରି ପିଏମଜି ଛକ ଠାରେ ପହଞ୍ଚିଥିଲା। ଅଲମ୍ପିୟାନ ଦୂତୀ ଚାନ୍ଦ, ଶୁଭଙ୍କର କୁମାର, ଜିତେନ୍ଦ୍ର ଦାସ, ଅଜୟ ସିଂ ଓ ମନୋଜ ମହାପାତ୍ରଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀମତୀ ପାଢ଼ୀ ପତାକା ଉତ୍ତୋଳନ କରି ବେସାମରିକ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ପରେଡରେ ମୋଟ ୫୧ଟି ଦଳ ଭାଗ ନେଇଥିଲେ । ଏଥିରେ ମହାବିଦ୍ୟାଳୟ ସ୍ତରୀୟ ପରେଡ୍ ପ୍ରତିଯୋଗିତାରେ ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟ ପ୍ରଥମ, ସୈନିକ ସ୍କୁଲ ଦ୍ୱିତୀୟ ଓ ରାଜଧାନୀ କଲେଜ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିଭଳି ହାଇସ୍କୁଲ ସ୍ତରୀୟ (ଇଂରାଜୀ ମିଡିୟମ୍) ଡିଏଭି ୟୁନିଟ୍-୮ ପ୍ରଥମ, ଡିଏଭି ପୋଖରୀପୁଟ ଓ ଡିଏଭି ଚନ୍ଦ୍ରଶେଖରପୁର ଯୁଗ୍ମ ଭାବେ ଦ୍ୱିତୀୟ ଏବଂ ଓଡ଼ିଏମ୍ ପବ୍ଲିକ୍ ସ୍କୁଲ ଓ ଭେଙ୍କଟେଶ୍ୱର ଇଂରାଜୀ ମିଡ଼ିୟମ୍ ସ୍କୁଲ, ଚନ୍ଦ୍ରଶେଖରପୁର ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ହାଇସ୍କୁଲ ସ୍ତରୀୟ (ଓଡ଼ିଆ ମିଡିୟମ୍) ସ୍ତରରେ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଇଆରସି ଭିଲେଜ୍ ପ୍ରଥମ, ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୬ ଦ୍ୱିତୀୟ ଓ କ୍ୟାପିଟାଲ୍ ହାଇସ୍କୁଲ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଇଆରସି ଭିଲେଜର ବାଳିକା ବିଭାଗ ଯୁଗ୍ମ ତୃତୀୟ ସ୍ଥାନ ହାସଲ କରିଛନ୍ତି। କ୍ୟାପିଟାଲ ହାଇସ୍କୁଲର ବାଳିକା ବିଭାଗ, ମହର୍ଷି କଲେଜ ଅଫ ନ୍ୟାଚୁରାଲ ଲ’ ଡେୟାର୍ ଡେଭିଲ୍ସ, ଓଡ଼ିଶା ସ୍କେଟିଂ ଏକାଡେମୀକୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି । ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ଜୟଦେବ ଭବନରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଏକ ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ଶ୍ରୀମତୀ ପାଢ଼ୀ ଏହି ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍ଘାଟନ କରିଥିଲେ । ବିଭାଗ ପକ୍ଷରୁ ଏହି ପ୍ରଦର୍ଶନୀରେ ଭୁବନେଶ୍ୱରର ଐତିହ୍ୟ, କଳା, ସ୍ଥାପତ୍ୟ, ରାଜନୈତିକ ପୃଷ୍ଠଭୂମି, ସାମାଜିକ ରୂପାନ୍ତରଣ, ଆଧ୍ୟାତ୍ମିକ ପରିଦୃଶ୍ୟ, ସ୍ମାର୍ଟ ସିଟି ହେବା ପର୍ଯ୍ୟନ୍ତ ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ବିକାଶ ଆଦି ଉପରେ ପର୍ଯ୍ୟବେସିତ ଫଟୋଚିତ୍ର ପ୍ରଦର୍ଶିତ ହେଉଛି। ଏହି ଅବସରରେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ଅଶ୍ୱିନୀ କୁମାର ଭୋଇ, ସୁଚେତା ପ୍ରିୟଦର୍ଶିନୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରିୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଦୁଇଦିନିଆ ପ୍ରଦର୍ଶନୀ ମଙ୍ଗଳବାର ପର୍ଯ୍ୟନ୍ତ ଦର୍ଶକଙ୍କ ନିମନ୍ତେ ଖୋଲା ରହିବ ବୋଲି ସୂଚନା ମିଳିଛି।

## ଏସ୍ଆଇଆରରୁ ବାଦ୍ ପଡିଥିବା ୩୪ ଲକ୍ଷ ଲୋକ ଦେଇପାରିବେନି ଭୋଟ୍

### ଅନ୍ତରୀଣ ଅଧିକାର ଦେବାକୁ ମନା କଲେ ସର୍ବୋଚ୍ଚ ନ୍ୟାୟାଳୟ



**ନୂଆଦିଲ୍ଲୀ, ୧୩।୪**

ପଶ୍ଚିମବଙ୍ଗରେ ସ୍ପେଶାଲ ଇନଟେନସିଭ୍ ରିଭିଜନ୍ ବା ଏସଆଇଆରରୁ ପ୍ରକ୍ରିୟାରୁ ବାଦ୍ ପଡିଥିବା ଭୋଟରଙ୍କୁ ସୁପ୍ରିମକୋର୍ଟଙ୍କ ବଡ଼ ଝଟକା। ସର୍ବୋଚ୍ଚ ନ୍ୟାୟାଳୟ ପଶ୍ଚିମବଙ୍ଗର ୩୪ ଲୋକଙ୍କୁ ଭୋଟ ଦେବାକୁ ଅନୁମତି ପ୍ରଦାନ କରିନାହାନ୍ତି, ଯେଉଁମାନଙ୍କ ନାମ ଏସଆଇଆର ସମୟରେ ଭୋଟର ତାଲିକାରୁ ବାଦ ଦିଆଯାଇଥିଲା। କୋର୍ଟକୁ ସୂଚନା ଦିଆଯାଇଥିଲା ଯେ ଏପ୍ରିଲ ୧୧ ସୁଦ୍ଧା ପଶ୍ଚିମବଙ୍ଗରେ ଭୋଟର ତାଲିକାରୁ ନାମ ପ୍ରତ୍ୟାଖ୍ୟାନ କିମ୍ବା ବାଦ ଦେବା ବିରୋଧରେ ୩୪ ଲକ୍ଷ ୩୫ ହଜାର ୧୭୪ ଆବେଦନ ଦାଖଲ ହୋଇଛି। ଆବେଦନକାରୀମାନେ ଯୁକ୍ତି ଦେଇଛନ୍ତି ଯେ ଭୋଟରଙ୍କୁ ବିନା କୌଣସି ଉପାୟରେ ଛାଡ଼ିବା ଉଚିତ୍ ନୁହେଁ, ବିଶେଷକରି ଯେତେବେଳେ ଏପ୍ରିଲ ୨୩ ରେ ନିର୍ବାଚନ ରହିଛି। ଭୋଟର ତାଲିକା ସଂଶୋଧନ ସମ୍ପର୍କିତ ଆବେଦନଗୁଡ଼ିକର ଶୁଣାଣି ସମୟରେ ପ୍ରଧାନ ବିଚାରପତି କହିଥିଲେ, ‘ଆମେ ଏପରି ପରିସ୍ଥିତି ସୃଷ୍ଟି କରିପାରିବୁ ନାହିଁ ଯେଉଁଠାରେ ଆପିଲେଟ୍ ଟ୍ରିବ୍ୟୁନାଲର ବିଚାରପତିଙ୍କ କାର୍ଯ୍ୟଭାର ବୃଦ୍ଧି ପାଇବ। ଆମ ସମ୍ମୁଖରେ ଆଉ ଏକ ଆବେଦନ ମଧ୍ୟ ଅଛି ଯାହା ଏହି ଆବେଦନଗୁଡ଼ିକ ଉପରେ ସ୍ଥଗିତାଦେଶ ଚାହୁଁଛି।’ ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ତୃଣମୂଳ କଂଗ୍ରେସ ନେତା ଏବଂ ଆଇନଜୀବୀ କଲ୍ୟାଣ ବାନାର୍ଜୀ ମାମଲା ଉପରେ ଯୁକ୍ତି ଉପସ୍ଥାପନ କରିଥିଲେ। ସେ ଯୁକ୍ତି ଦର୍ଶାଇଥିଲେ ଯେ ଅତି କମରେ ୧୬ ଲକ୍ଷ ଆବେଦନ ଦାଖଲ ହୋଇଛି ଏବଂ ସେମାନଙ୍କୁ ଏହି ମାସ ଶେଷରେ ହେବାକୁ ଥିବା ଦୁଇଟି ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ଭୋଟ ଦେବା ପାଇଁ ଅନୁମତି ଦିଆଯିବା ଉଚିତ। ଏହାର ଜବାବରେ ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଥିଲେ, ଏହା ତ କେବେ ବି ସମ୍ଭବ ନୁହେଁ। ଯଦି ଆମକୁ ଏହାର ଅନୁମତି ଦିଅନ୍ତି, ତେବେ ଏଥିରେ ସାମିଲ ଲୋକଙ୍କୁ ଭୋଟ ଦେବାର ଅଧିକାରରୁ ରୋକିବାକୁ ପଡିବ।’ କଲ୍ୟାଣ ବାନାର୍ଜୀ କହିଛନ୍ତି, ବଙ୍ଗଳାର ଲୋକମାନେ ନ୍ୟାୟ ପାଇଁ ଏହି କୋର୍ଟକୁ ଚାହିଁ ରହିଛନ୍ତି। ସେମାନେ ସେମାନଙ୍କର ମତଦାନ ଅଧିକାର ପ୍ରୟୋଗ କରିବାକୁ ଚାହୁଁଛନ୍ତି। ୩୪ ଲକ୍ଷ ଲୋକ ପ୍ରକୃତ ଭୋଟର, ତେଣୁ ସେମାନେ ନ୍ୟାୟ ପାଇଁ ଆପଣଙ୍କୁ ଚାହିଁ ରହିଛନ୍ତି। ଟିଏମସି ତର୍କ ଦେଇଛି ଯେ, ସେହି ସବୁ ବ୍ୟକ୍ତିଙ୍କୁ ମତଦାନ କରିବାର ଅନୁମତି ଦେବା ଦରକାର, ଯାହାଙ୍କ ନାଁ ୨୨ ଏପ୍ରିଲ ପର୍ଯ୍ୟନ୍ତ ଆପିଲେଟ୍ ଟ୍ରିବ୍ୟୁନାଲ୍ ଦ୍ୱାରା ଗୃହୀତ କରାଯାଇଛି। ଏହି ମାମଲାର ଶୁଣାଣି କରି ସିଜେଆଇ କହିଛନ୍ତି, ଆମକୁ କୋଲକାତା ହାଇକୋର୍ଟଙ୍କ ମୁଖ୍ୟ ବିଚାରପତିଙ୍କ ଚିଠି ମିଳିଛି। ସେ ଅପଡେଟ୍ ଦେଇଛନ୍ତି ଯେ, ୬୦ ଲକ୍ଷରୁ ୬ ହଜାର ୬୭୫ ଆପତ୍ତି ଓ ଆବେଦନର ସମାଧାନ ହୋଇଛି। ତାଙ୍କ ପାଖରେ ପ୍ରାୟ ୧୮୨୩ ଅଭିଯୋଗ ଉପରେ ନିଷ୍ପତ୍ତି ନିଆଯିବା ବାକି ରହିଛି। ତା’ଭିତରେ ଟେକ୍ନିକାଲ ସମସ୍ୟା ରହିଛି।

## ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାର ତଦନ୍ତ ଆରମ୍ଭ

**କଟକ, ୧୩/୦୪ ନ୍ୟୁଜ ବ୍ୟୁରୋ**

ଏସ୍‌ସିବି ଟ୍ରମା ଆଇସିୟୁରେ ଅଗ୍ନିକାଣ୍ଡ ଘଟଣାକୁ ଆଉ ଦିନ କେଇଟା ପରେ ମାସେ ପୂରିବ । ଏହାରି ଭିତରେ ଏସ୍‌ସିବି ଟ୍ରାଜେଡିର ବିଚାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ଅବସରପ୍ରାପ୍ତ ବିଚାରପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ତଦନ୍ତକାରୀ ଟିମ୍ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଟିମ୍ ଅଗ୍ନିକାଣ୍ଡ ସମ୍ପର୍କରେ ନର୍ସ ଓ କର୍ମଚାରୀଙ୍କୁ ପଚରାଉଚରା କରୁଛନ୍ତି। ସୂଚନା ଅନୁଯାଇ, ମାର୍ଚ୍ଚ ୧୬ ତାରିଖରେ ଏସ୍‌ସିବି ମେଡିକାଲ୍ ଆଇସିୟୁରେ ନିଆଁ ଲାଗିଥିଲା । ଅଗ୍ନିକାଣ୍ଡରେ ଟ୍ରମା ବିଲ୍ଡିଂରେ ପ୍ରଥମ ମହଲାରେ ଥିବା ଆଇସିୟୁରେ ଛାରଖାର ହୋଇଯାଇଥିବା ବେଳେ ଏହାର ସମ୍ମୁଖରେ ଥିବା ଅପରେସନ୍ ଥିଏଟର (ଓଟି)ରେ ଧୂଆଁ ଧାସ ବାଜିଥିଲା । ଓଟିରେ ବିଶେଷ କିଛି କ୍ଷତି ହୋଇନଥିଲେ ମଧ୍ୟ ତାହା ମାର୍ଚ୍ଚ ୧୬ ତାରିଖରୁ ବନ୍ଦ ରହିଛି । ଏହି ଅଗ୍ନିକାଣ୍ଡରେ ୧୨ଜଣ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଯାହାକୁ ନେଇ ବିଚାର ବିଭାଗୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ। ଅବସରପ୍ରାପ୍ତ ବିଚାରପତି ଲକ୍ଷ୍ମୀଧର ବିଶ୍ୱାଳ ନ୍ୟାୟିକ ତଦନ୍ତ କରିବେ। ଏହି ତଦନ୍ତରେ ସଂପୂର୍ଣ୍ଣ ସହଯୋଗ କରିବା ପାଇଁ ଏସ.ସି.ବିର ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତରୁ କାହାର ଅବହେଳା ଜଣାପଡ଼ିଲେ ବା କେହି ଦୋଷୀ ସାବ୍ୟସ୍ତ ହେଲେ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ।

### ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୩/୦୪/୨୦୨୬
୫,୯୩,୦୦୫/- ଟଙ୍କା
ସୁନା:-ଶୂନ୍ୟ
ରୂପା:-ଶୂନ୍ୟ

# ମାନସ ବିଜେଡି ସଂସଦୀୟ ଦଳ ନେତା ଓ ସୁଲତା ହେଲେ ଉପନେତା



**ଭୁବନେଶ୍ୱର, ୧୩/୦୪ ନ୍ୟୁଜ ବ୍ୟୁରୋ**


ବିଜୁ ଜନତା ଦଳ (ବିଜେଡି) ରାଜ୍ୟସଭାରେ ସୋମବାର ସଂସଦୀୟ ଦଳ ନେତୃତ୍ୱରେ ପରିବର୍ତ୍ତନ କରିଛି। ଦଳର ରାଜ୍ୟସଭା ସଂସଦୀୟ ଦଳ ନେତା ପଦରୁ ସସ୍ମିତ ପାତ୍ର ଇସ୍ତଫା ଦେବା ପରେ ଏହା ପୁନର୍ଗଠିତ ହୋଇଛି । ଦଳର ସଭାପତି ନବୀନ ପଟ୍ଟନାୟକ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଚିଠି ଲେଖି ନୂଆ ନିଯୁକ୍ତି ସମ୍ପର୍କରେ ଅବଗତ କରାଇଛନ୍ତି ।

ଚିଠି ଅନୁସାରେ, ବିଜେଡି ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କୁ ରାଜ୍ୟସଭାରେ ସଂସଦୀୟ ଦଳ ନେତା ଭାବେ ନିଯୁକ୍ତ କରାଯାଇଛି। ସେହିପରି ସୁଲତା ଦେଓଙ୍କୁ ଉପନେତା ସହ ଚିଫ୍ ହ୍ୱିପ୍ ଭାବେ ଦାୟିତ୍ୱ ଦିଆଯାଇଛି। ସମ୍ପ୍ରତି ସମାପ୍ତ ହୋଇଥିବା ଦ୍ୱିବାର୍ଷିକ ନିର୍ବାଚନ ପରେ ଦଳ ଭିତରେ ଏହି ପରିବର୍ତ୍ତନ ଅଣାଯାଇଛି। ସେପଟେ ସସ୍ମିତ ପାତ୍ର ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ପଦରୁ ହଟିଯାଇଥିବା ବେଳେ ତାଙ୍କର ରାଜ୍ୟସଭା ସଦସ୍ୟ ପଦ ଅବ୍ୟାହତ ରହିଛି । ସସ୍ମିତ ପାତ୍ର ଦଳ ପକ୍ଷରୁ ରାଜ୍ୟସଭାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିଲେ ଏବଂ ଜଣେ ଟାଣୁଆ ନେତା ଭାବେ ପରିଚିତ ଥିଲେ । ବିଭିନ୍ନ ଜାତୀୟ ପ୍ରସଙ୍ଗରେ ସେ ଦଳର ମତ ଜୋରଦାର ଭାବେ ଉପସ୍ଥାପନ କରୁଥିଲେ ଏବଂ ସଂସଦୀୟ କାର୍ଯ୍ୟସୂଚୀ ପରିଚାଳନାରେ ମଧ୍ୟ ସକ୍ରିୟ ଭୂମିକା ନେଉଥିଲେ। ତାଙ୍କର ପଦତ୍ୟାଗ ପରେ ଦଳ ନୂତନ ନେତୃତ୍ୱକୁ ଆଗକୁ ଆଣି ସଂସଦୀୟ କୌଶଳକୁ ଆହୁରି ସୁଦୃଢ଼ କରିବାକୁ ଉଦ୍ୟମ କରୁଛି ବିଜେଡି ।

ବିଜେଡି ପକ୍ଷରୁ ନବ ନିଯୁକ୍ତ ନେତାମାନଙ୍କୁ ତୁରନ୍ତ ଆଧିକାରିକ ମାନ୍ୟତା ଦେବା ପାଇଁ ରାଜ୍ୟସଭା ସଚିବାଳୟଙ୍କୁ ଅନୁରୋଧ କରାଯାଇଛି। ଏହି ପରିବର୍ତ୍ତନ ଆସନ୍ତା ସଂସଦୀୟ କାର୍ଯ୍ୟକଳାପରେ ଦଳର ଭୂମିକାକୁ ନୂଆ ଦିଗ ଦେବ ବୋଲି ଚର୍ଚ୍ଚା ହେଉଛି । ରାଜ୍ୟସଭାରେ ବିଜେଡିର ୬ ଜଣ ସଦସ୍ୟ ଅଛନ୍ତି । ଏକ ସମୟରେ ଓଡ଼ିଶାରେ ଶକ୍ତିଶାଳୀ ଆଞ୍ଚଳିକ ଦଳ ଭାବେ ପରିଚିତ ଥିବା ବିଜୁ ଜନତା ଦଳର କୌଣସି ପ୍ରତିନିଧି (ସାଂସଦ) ବର୍ତ୍ତମାନ ଲୋକସଭାରେ ନାହାନ୍ତି । ୨୦୨୪ ସାଧାରଣ ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ବିଜେପି) ରାଜ୍ୟର ୨୧ଟି ଲୋକସଭା ଆସନରୁ ୨୦ଟିରେ ଜିତି ସଫଳତା ହାସଲ କରିଥିଲା । ଅନ୍ୟପକ୍ଷେ ଭାରତୀୟ ଜାତୀୟ କଂଗ୍ରେସ ମାତ୍ର ଗୋଟିଏ ଆସନ ହାତେଇବାରେ ସଫଳ ହୋଇଥିଲା ।

## ବିଦ୍ୟୁତ ତାର ଲାଗି ୩ ପାଟୁଆଙ୍କ ମୃତ୍ୟୁରେ ନବୀନଙ୍କ ଶୋକ

**ଭୁବନେଶ୍ୱର, ୧୩/୪ ନ୍ୟୁଜ ବ୍ୟୁରୋ**



ଢେଙ୍କାନାଳ ଜିଲ୍ଲା ପାଟଲା ଗାଁରେ ଦଣ୍ଡନାଚ ପ୍ରସ୍ତୁତି ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୩ ଜଣ ପାଟୁଆଙ୍କ ପ୍ରାଣହାନୀ ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ।

ସେ କହିଛନ୍ତି ଯେ, ଢେଙ୍କାନାଳ ଜିଲ୍ଲା ପାଟଲା ଗାଁରେ ଦଣ୍ଡନାଚ ପ୍ରସ୍ତୁତି ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୩ ଜଣ ପାଟୁଆଙ୍କ ପ୍ରାଣହାନୀ ହୋଇଥିବା ବିଷୟରେ ଜାଣି ମୁଁ ଦୁଃଖିତ। ସମସ୍ତଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଏପରି ଦୁଃଖଦ ସମୟରେ ପରିବାରବର୍ଗଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଉଛି।

ଅନ୍ୟପକ୍ଷରେ ଏହି ଘଟଣାରେ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ମୃତକଙ୍କ ପରିବାରକୁ କ୍ଷତି ପୂରଣ ପ୍ରଦାନ ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ପାଟଲା ଗ୍ରାମବାସୀ । ଢେଙ୍କାନାଳ ଜିଲ୍ଲା ବାଲିମି ଥାନା ଅନ୍ତର୍ଗତ ପାଟଲା ଗାଁରେ ରବିବାର ଦଣ୍ଡନାଚ ପାଇଁ ଷ୍ଟେଜ ପ୍ରସ୍ତୁତି ଚାଲିଥିବା ବେଳେ ଉପରେ ଝୁଲି ରହିଥିବା ୧୧ କେଭି ବିଦ୍ୟୁତ୍ ତାର ଲାଗି ୩ ଜଣ ଦଣ୍ଡୁଆଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଥିଲେ । ଯାହାକୁ ନେଇ ସୋମବାର ମୃତ ଦଣ୍ଡୁଆଙ୍କ ଗ୍ରାମବାସୀ ରାସୋଳ ଥାନା ଅନ୍ତର୍ଗତ ସାତମାଇଲି ଛକରେ ରାସ୍ତା ଅବରୋଧ କରିଥିଲେ । ଫଳରେ ପୁରୁଣା କଟକ-ସମ୍ବଲପୁରକୁ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଇଥିଲା ।



### ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!

ସାପ୍ତାହିକ ସମ୍ବାଦ ପତ୍ରିକା ‘ରବିବାସରୀୟ କଳିକା’ ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

### ଅଣ୍ଡାଦାନ ଋତୁରେ ମତ୍ସ୍ୟଜୀବୀଙ୍କୁ ମାଛ ଧରା କଟକଣା

# ୬୧ ଦିନ ଯାଏଁ ସମୁଦ୍ରରେ ମାଛ ଧରିବା ବନ୍ଦ

**ପାରାଦୀପ, ୧୩/୦୪ ନ୍ୟୁଜ ବ୍ୟୁରୋ**

ସମୁଦ୍ରରେ ମାଛ ବଂଶ ବୃଦ୍ଧି ପାଇଁ ୧୫ ଏପ୍ରିଲରୁ ମାଛଧରା ଉପରେ କଟକଣା ଜାରି କରାଯାଇଛି । ଏନେଇ ପାରାଦୀପ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ମାଛଧରା ବନ୍ଦର, ଷଣ୍ଢକୁଦରେ ମତ୍ସ୍ୟଜୀବୀଙ୍କୁ ସଚେତନ କରାଯାଇଛି । ମାଛମାନଙ୍କ ଏହି ଅଣ୍ଡାଦାନ ଋତୁରେ ପାରାଦୀପ ସମେତ ଓଡ଼ିଶା ଉପକୂଳବର୍ତ୍ତୀ ସମୁଦ୍ରରେ ମତ୍ସ୍ୟଜୀବୀଙ୍କୁ ମାଛ ନ ଧରିବାକୁ ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା କଟକ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଏପ୍ରିଲ ୧୫ ତାରିଖରୁ ଜୁନ୍ ୧୪ ତାରିଖ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ ବୋଲି ଜଣାପଡିଛି ।

ଏହି କଟକଣା ସମୟରେ ଯନ୍ତ୍ର ଚଳିତ ଡଙ୍ଗା ଓ ଟ୍ରଲର ସମୁଦ୍ର ମଧ୍ୟରେ ମାଛ ଧରି ପାରିବେ ନାହିଁ ବୋଲି ବିଭାଗ ପକ୍ଷରୁ ରୋକ୍ ଲଗା ଯାଇଛି । ଓଡ଼ିଶା ସାମୁଦ୍ରିକ ଫିସିଂ ରେଗୁଲେସନ୍ ଆକ୍ଟ ୧୯୮୨ ଅନୁଯାୟୀ ମାଛ ଧରିବାକୁ ନିଷେଧ କରାଯାଇଛି। ମାଛଙ୍କ ପ୍ରଜନନ ଋତୁରେ ସମୁଦ୍ରରେ ମାଛ ଅଣ୍ଡା ଓ ମାଛ ଜାଆଁଳ ନଷ୍ଟ ହେବା ଆଶଙ୍କାରେ ମାଛଧରାକୁ ଦୁଇ ମାସ ପାଇଁ ବନ୍ଦ ରଖିବାକୁ ମତ୍ସ୍ୟଜୀବୀ ମାନଙ୍କୁ କୁହାଯାଇଛି । ରାଜ୍ୟ ସାମୁଦ୍ରିକ ମତ୍ସ୍ୟ ବିଭାଗ ଦ୍ୱାରା ପଞ୍ଜୀକୃତ ହୋଇଥିବା ସମସ୍ତ ଯନ୍ତ୍ର ଚାଳିତ ଡଙ୍ଗା ଓ ଟ୍ରଲରକୁ ଏହି ସମୟ ମଧ୍ୟରେ ସମୁଦ୍ରରେ ମାଛ ଧରିବାକୁ ବାରଣ କରାଯାଇଛି । ପାରାଦୀପ ମାଛଧରା ବନ୍ଦର ଅଞ୍ଚଳରେ ୬୩୫ ଟ୍ରଲର ଓ ୧୫୨ ଯାନ୍ତ୍ରିକ ଡ଼ଙ୍ଗା ମାଛ ଅଣ୍ଡା ଓ ଜାଆଁଳ ନଷ୍ଟ ହେବା କାରଣରୁ ଏହି ସମୟ ମଧ୍ୟରେ ମାଛ ଧରି ପାରିବେନି ବୋଲି ନିର୍ଦ୍ଦେଶ ଦିଆଯାଇଛି । ଏହା ଦ୍ୱାରା ଜୀବିକା ନିର୍ବାହ କରୁଥିବା ପାରାଦୀପର ୫୦ ହଜାର ମତ୍ସ୍ୟଜୀବୀ ପ୍ରଭାବିତ ହେବେ । କିନ୍ତୁ ୮.୫ ମିଟର ଡଙ୍ଗାକୁ କେବଳ ସୀମିତ ଅଞ୍ଚଳରେ ମାଛ ଧରିବାକୁ ଅନୁମତି ଦିଆଯାଇଛି ।

ଉଭୟ ଯନ୍ତ୍ର ଚାଳିତ ଡଙ୍ଗା ଓ ଟ୍ରଲର ଚଳାଚଳକୁ ବାରଣ କରାଯାଇ ସମୁଦ୍ରରେ ମାଛ ଓ ଜାଆଁଳ ସଂରକ୍ଷଣ ନିମନ୍ତେ ଓଡ଼ିଶା ଉପକୂଳଠାରୁ ସମୁଦ୍ର ମଧ୍ୟକୁ ୧୨ ନେଟିକାଲ୍ ମାଇଲ୍ ପର୍ଯ୍ୟନ୍ତ ମାଛ ଧରିବା ଉପରେ ଏହି କଟକଣା ଲାଗୁ କରାଯାଇଛି । ପ୍ରାୟ ୨୯୫ ପ୍ରଜାତିର ସାମୁଦ୍ରିକ ମାଛଙ୍କ ଅଣ୍ଡାଦାନକୁ ସୁନିଶ୍ଚିତ କରିବା ସହ ହ୍ରାସ ପାଉଥିବା ମାଛ ବଂଶକୁ ସଂରକ୍ଷଣ କରିବା ଏହି କଟକଣାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସୂଚନା ମିଳିଛି। ତେବେ ଏହି କଟକଣାକୁ ମତ୍ସ୍ୟଜୀବୀମାନେ ସ୍ୱାଗତ କରିଛନ୍ତି । ସେମାନେ ଦୀର୍ଘ ଦୁଇ ମାସ ଧରି ମାଛଧରା ଛୁଟି ଭାବେ ଗ୍ରହଣ କରିଥିବା ମତ୍ସ୍ୟଜୀବୀ ପ୍ରଦେଶ ବେହେରା, ସୂର୍ଯ୍ୟକାନ୍ତ ବେହେରା, ରଘୁ ମଲ୍ଲିକ, ପ୍ରମୋଦ ବେହେରା ପ୍ରମୁଖ କହିଛନ୍ତି । ଏହି ସମୟ ମଧ୍ୟରେ ସେମାନେ ଟ୍ରଲର ଓ ଯନ୍ତ୍ର ଚାଳିତ ଡଙ୍ଗାର ମରାମତି କରିବା ସହ ମାଛ ଧରିବା ପାଇଁ ପ୍ରସ୍ତୁତ ହୋଇପାରିବେ ବୋଲି କହିଛନ୍ତି ।



ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ କହିଛନ୍ତି ଏହି ସମୟରେ ଜୀବିକା ହରାଇ ପ୍ରଭାବିତ ହେଉଥିବା ମତ୍ସ୍ୟଜୀବୀଙ୍କୁ କ୍ଷତି ପୂରଣ ପ୍ରଦାନ କରିବା ପାଇଁ ଦାବି କରାଯାଇଛି । କ୍ଷତିପୂରଣ ରାଶି ମିଳିବ ବୋଲି ଆଶାବ୍ୟକ୍ତ କରିଛନ୍ତି ।